ଧରିତ୍ରୀ
DHARITRI
March 6-12, 2022 ₹ 2/-

# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



ଦିନ ଥିଲା ସ୍ୱାମୀ
ପରିବାର ଭିତରେ ନାରୀ
ତା' ଦୁନିଆ ଦେଖୁଥିଲା।
ସାମାଜିକ ପ୍ରତିବନ୍ଧକ
ଭିତରେ ତା' ଆଶା
ଆକାଂକ୍ଷା କୁହୁଳି
କୁହୁଳି ଲିଭି ଯାଉଥିଲା
ସିନା ଜଳି ପାରୁ ନ
ଥିଲା। ହେଲେ ଏବେ
ବଦଳି ଯାଇଛି ସମୟ।
ତା'ର ସଂଘର୍ଷ ତାକୁ
ସଫଳତା ଦେଇଛି।
ଶୀର୍ଷରେ ପହଞ୍ଚିବାର
ରାସ୍ତା ଦେଖାଇଛି।
ପ୍ରମାଣ କରିଛି ସତରେ
ସେ ଅନନ୍ୟା...

## ଅନନ୍ୟା

# ଶୋଇବାକୁ ନେଇ କିଛି ନିୟମ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଶୋଇବା ସମୟରେ ମଧ୍ୟ କିଛିଟା ନିୟମ ମାନିବା ନିହାତି ଆବଶ୍ୟକ। କାରଣ ଏହାକୁ ନ ମାନିଲେ ମନ ଭାରାକ୍ରାନ୍ତ ରହିବା ସହ ଭଲ ନିଦ ହୋଇ ନଥାଏ। ଏପରିକି ବେଳେବେଳେ ଏହାର କୁ-ପ୍ରଭାବ ଆମ ଶରୀର ଉପରେ ମଧ୍ୟ ପଡିଥାଏ। ଯେମିତିକି:**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଦକ୍ଷିଣ ଦିଗକୁ ମୁଣ୍ଡକରି ଶୋଇଲେ ଖୁସି ଓ ସମୃଦ୍ଧି ବୃଦ୍ଧି ହୋଇଥାଏ ଏବଂ ପୂର୍ବ ଦିଗକୁ ମୁଣ୍ଡକରି ଶୋଇଲେ ସ୍ୱାସ୍ଥ୍ୟ ଭଲ ରହିଥାଏ। ଆବଶ୍ୟକ ପଡିଲେ ପଶ୍ଚିମ ଦିଗକୁ ମୁଣ୍ଡକରି ଶୋଇହେବ କିନ୍ତୁ କେବେ ବି ଉତ୍ତର ଦିଗକୁ ମୁଣ୍ଡକରି ଶୋଇବେ ନାହିଁ। କାରଣ ଏହାଦ୍ୱାରା ଶରୀର ରୋଗାଗ୍ରସ୍ତ ହେବା ଓ ଧନହାନି ହେବାର ସମ୍ଭାବନା ରହିଥାଏ।



* ସେହିପରି ଶୋଇଲା ବେଳେ ମୁଣ୍ଡ ପାଖରେ ଖବରକାଗଜ, ବହି, ପତ୍ରପତ୍ରିକା ଆଦି ରଖିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ମନରେ ଉତ୍ତେଜନା ସୃଷ୍ଟି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ଅନ୍ୟପକ୍ଷେ ମୋବାଇଲ୍ ଫୋନ୍, ଲାପ୍‌ଟପ୍, ଘଣ୍ଟା ଆଦି ସାମଗ୍ରୀକୁ କେବେ ବି ମୁଣ୍ଡ ପାଖରେ ରଖି ଶୋଇବେ ନାହିଁ। କାରଣ ଏହାର ଅନେକ କୁ-ପ୍ରଭାବ ଆମ ମସ୍ତିଷ୍କ ଉପରେ ପଡିଥାଏ।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଶୋଇବା ସମୟରେ ଶଯ୍ୟା ପାଖରେ କେବେ ବି ହେମଦସ୍ତା କିମ୍ବା କୌଣସି ପ୍ରକାରର କୁଟାକୁଟି ଜିନିଷ ରଖିବା ଉଚିତ୍ ନୁହେଁ। କାରଣ ଏହାଦ୍ୱାରା ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।
* ସେହିପରି ଶଯ୍ୟା ସମ୍ମୁଖରେ ଭୁଲ୍‌ରେ କେବେ ବି ଦର୍ପଣ ରଖିବେ ନାହିଁ। କାରଣ ଶୋଇବା ସମୟର ଛବି ଦର୍ପଣରେ ପ୍ରତିଫଳିତ ହେଲେ ବୈବାହିକ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୭-୧୨

**ମେଷ**



କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସାହାଯ୍ୟ, ପାରିବାରିକ ତିକ୍ତତା, ଭ୍ରମଣ ସୌଖ୍ୟ, ଭ୍ରାତୃସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସହକର୍ମୀମାନଙ୍କ ଅସହଯୋଗ, ବ୍ୟବସାୟରେ କ୍ଷତି, ଦୂରଯାତ୍ରା ପାଇଁ ପ୍ରସ୍ତୁତି ।

**ବୃଷ**




ଦୈହିକ ଦୁର୍ବଳତା, ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣରେ ସମସ୍ୟା, ସନ୍ତାନଙ୍କ କୃତିତ୍ୱ, ପଡ଼ୋଶୀଙ୍କ ସମାଲୋଚନା, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, କ୍ରନିକ୍ ରୋଗରେ ପୀଡ଼ା।

**ମିଥୁନ**



କର୍ମ ଜଞ୍ଜାଳବୃଦ୍ଧି, ପ୍ରତିକୂଳ ପରିସ୍ଥିତି, ଆର୍ଥିକ ଦୂରବସ୍ଥା, ସଭାସମିତିକୁ ଆହ୍ୱାନ, ଧାର୍ମିକ କାର୍ଯ୍ୟାରମ୍ଭ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ ବିଶୃଙ୍ଖଳା, କଚେରୀ ମାମଲାରୁ ଦୁଃଶ୍ଚିନ୍ତା, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ।।

**କର୍କଟ**



ମାନସିକ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥସଙ୍କଟରୁ ମୁକ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଭ୍ରାତୃ ସମ୍ପର୍କହ୍ରାସ, ଶିକ୍ଷାରେ ଅସଫଳତା। ମିଥ୍ୟା ଗୁଜବରୁ ମନସ୍ତାପ, କଚେରି ମାମଲାରୁ ଚିନ୍ତା, କୈଫିୟତ ତଲବ, ବାଦବିବାଦ ବୃଦ୍ଧି।

**ସିଂହ**



ନିଷ୍ପତ୍ତି ବଦଳିଯିବ, କଳାସାହିତ୍ୟରେ ରୁଚି, ବନ୍ଧୁଙ୍କ ପ୍ରେରଣାରୁ କାର୍ଯ୍ୟସିଦ୍ଧି, ବ୍ୟୟାଧିକ୍ୟରୁ ଦୁଶ୍ଚିନ୍ତା, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ରୋଗପୀଡ଼ା କମିବ, ନୂତନ ନିଯୁକ୍ତି, ବିବାଦର ସମାଧାନ, ପରୋକ୍ଷ ଶତ୍ରୁତା।

**କନ୍ୟା**



ବନ୍ଧୁ ସମାଗମ, ଶୁଭକାର୍ଯ୍ୟର ପ୍ରସ୍ତୁତି, ସମ୍ପର୍କୀୟଙ୍କ ସହ ବୈରତା, କାରବାରରେ ଉନ୍ନତି, ମାନସିକ ଅସ୍ଥିରତା, ଆର୍ଥିକ ସମସ୍ୟା, ରୋଗପୀଡ଼ା ବୃଦ୍ଧି, ଦୁଃସାହସିକ ପଦକ୍ଷେପ, ସମସ୍ୟା ସମାଧାନ।

**ତୁଳା**



ସମସ୍ୟାର ସମାଧାନ, ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ଦୂରଯାତ୍ରାର ଯୋଜନା, ମିତ୍ରବନ୍ଧୁଙ୍କ ବିରୋଧ, ସଭାସମିତିକୁ ଆହ୍ୱାନ, ଭ୍ରମଣ ସୁଯୋଗ ଜୁଟିବ। ଶିକ୍ଷାରେ ସଫଳତା, ପରିବହନରେ ଉନ୍ନତି।

**ବିଛା**



ବନ୍ଧୁସମ୍ପର୍କରେ ନ୍ୟୂନତା, ପ୍ରତାରିତ ହେବେ, ଯାନ୍ତ୍ରିକ ଜିନିଷକ୍ରୟ, ସାମାଜିକ ସମ୍ମାନ, କାର୍ଯ୍ୟସ୍ଥଗିତ ରହିବ, ନିଃସଙ୍ଗତାରୁ ନିରସାହତା, ବନ୍ଧୁ ପ୍ରସ୍ତାବ ଆସିବ, ଜମିଜମା କାରବାର, ଚୁକ୍ତିପତ୍ର ସ୍ୱାକ୍ଷର, ପରିବାରରୁ ଅସହଯୋଗ।

**ଧନୁ**




ପାରିବାରିକ ଶାନ୍ତି, ବୈଷୟିକ ଅଭିବୃଦ୍ଧି, ଯାନବାହନ କ୍ରୟ, ସହକର୍ମୀଙ୍କ ସାହାଯ୍ୟ, ଅବହେଳାରୁ କାର୍ଯ୍ୟହାନି, ମାନସିକ ଅସୁସ୍ଥତା, ସଙ୍ଗଦୋଷରୁ ସମାଲୋଚନା, ଶତ୍ରୁ ଉପଦ୍ରବ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।

**ମକର**



ସ୍ୱାସ୍ଥ୍ୟହାନି, ପରିସ୍ଥିତି ବଦଳିବ, ସମସ୍ୟାବୃଦ୍ଧି, ଯୋଜନା ବିଗିଡିଯିବ, ପଡ଼ୋଶୀଙ୍କ ସମାଲୋଚନା, ଯାନବାହନରେ କ୍ଷତି, ନିର୍ମାଣରେ ବିବାଦ, ବନ୍ଧୁସମ୍ପର୍କ ଭାଙ୍ଗିବ, ଅଶୁଭ ଖବର ପ୍ରାପ୍ତି, ଶିଳ୍ପବାଣିଜ୍ୟରେ ଉନ୍ନତି।

**କୁମ୍ଭ**



ସ୍ନାୟବିକ ଦୁର୍ବଳତା, ମିତ୍ରତା ବୃଦ୍ଧି, ପ୍ରତିକୂଳ ପରିବେଶ, ବିବାଦରେ ଫସିଯିବେ, ମାତାଙ୍କ ସ୍ୱାସ୍ଥ୍ୟହାନି, ପାରିବାରିକ ଆଲୋଚନା, ଧର୍ମକାର୍ଯ୍ୟରେ ବାଧା, ଆର୍ଥିକ ଦୁରବସ୍ଥା, ପ୍ରକାଶନରେ ବିଳମ୍ବ, ବାଣିଜ୍ୟରେ ଅଭିବୃଦ୍ଧି।

**ମୀନ**



ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ସମସ୍ୟା ସମାଧାନ, ନୂତନ ଯୋଜନାରମ୍ଭ, ପ୍ରତିକୂଳତା ଦୂର ହେବ, ଅମୀମାଂସୀତ ଆଲୋଚନା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବରପ୍ରାପ୍ତି, ପଡ଼ୋଶୀଙ୍କ ସମାଲୋଚନା, କାମ ଅଟକି ରହିବ, ପାରିବାରିକ ଦ୍ୱନ୍ଦ୍ୱ।

# ଡାଳିମ୍ବର ଉପକାରିତା

**ଡା**ଳିମ୍ବରେ ତ୍ୱଚାକୁ ସୁନ୍ଦର ରଖିବା, ରକ୍ତଚାପକୁ ନିୟନ୍ତ୍ରଣ କରିବା ତଥା ମାନସିକ ଚାପରୁ ମୁକ୍ତି ଦେବାରେ ବେଶ୍ ଚମତ୍କାରୀ ଗୁଣ ଭରି ରହିଥାଏ। ତା'ଛଡ଼ା ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲାଭୋନାଏଡ୍ ନାମକ ତତ୍ତ୍ୱ ଥିବାରୁ, ଏହା ଗଣ୍ଠିମାନଙ୍କରେ ଥିବା ଫୁଲାକୁ ଦୂର କରିଥାଏ। ଯଦ୍ଦ୍ୱାରା ଗଣ୍ଠି ବିନ୍ଧାରୁ ସହଜରେ ମୁକ୍ତି ମିଳିଯାଏ। ତେଣୁ ଯେଉଁ ବ୍ୟକ୍ତିମାନେ ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟାରେ ପିଡ଼ୀତ, ସେମାନେ ପ୍ରତିଦିନ ଗୋଟିଏ ଲେଖାଏଁ



ଡାଳିମ୍ବର ଜୁସ୍ ବାହାର କରି ପିଇଲେ ସେମାନଙ୍କୁ ଖୁବ୍ ଉପକାର ମିଳିଥାଏ। ସେହିପରି କୁହାଯାଏ, ନିୟମିତ ଡାଳିମ୍ବ ଜୁସ୍ ପିଇଲେ ଉଚ୍ଚରକ୍ତ ଚାପ ସମସ୍ୟା ସହ ଲଢ଼ିବାକୁ ଆମ ଶରୀରକୁ ଉପଯୁକ୍ତ ଶକ୍ତି ମିଳିଥାଏ। ଅନ୍ୟପକ୍ଷେ ଆଉ କିଛି ପରୀକ୍ଷଣରୁ ଜଣାଯାଇଛି ଯେ, ନିୟମିତ ଡାଳିମ୍ବ ସେବନ ଦ୍ୱାରା ପ୍ରୋଷ୍ଟେଟ୍, ବ୍ରେଷ୍ଟ, ଲଙ୍ଗ୍ସ ତଥା କୋଲନ୍ କ୍ୟାନସର୍ ନ ହେବାର ସମ୍ଭାବନା ଟିକେ ଅଧିକ ରହିଥାଏ। ଏହାବାଦ୍ ଡାଳିମ୍ବରେ ଯେହେତୁ ଫାଇବର୍ ମଧ୍ୟ ରହିଥାଏ, ତେଣୁ ଏହା ଶରୀରର ଓଜନ କମାଇବା, କୋଲେଷ୍ଟ୍ରୋଲ୍‌କୁ ନିୟନ୍ତ୍ରଣରେ ରଖିବା ଏବଂ ଖାଦ୍ୟ ହଜମ କରାଇବାରେ ବି ବେଶ୍ ଉପକାରୀ ହୋଇଥାଏ। କେବଳ ସେତିକି ନୁହେଁ, ଡାଳିମ୍ବରେ ଭିଟାମିନ୍ ବି୬, ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ଭିଟାମିନ୍ କେ ଭରି ରହିଥିବାରୁ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

# ପାଠକୀୟ

*ଫ୍ୟାନ୍ ସିଏ, ଯେ ନିଜ ପ୍ରିୟ ତାରକାଙ୍କ ଖୁସିରେ ଖୁସି ହୁଅନ୍ତି, ତାଙ୍କ ଦୁଃଖରେ ଦୁଃଖୀ ହୁଅନ୍ତି। ତାଙ୍କୁ ଭଲ ପାଆନ୍ତି ଜୀବନଠୁ ବେଶି। ବେଳେବେଳେ ନିଜର ପ୍ରିୟ ମଣିଷକୁ ଟିକେ ପାଖରେ ପାଇବା, ତାଙ୍କର ଟିକେ ଝଲକ ଦେଖିବା ପାଇଁ ସେମାନେ କରି ବସନ୍ତି କେତେ ଯେ ପାଗଳାମି। ଆଉ ଏହି ପାଗଳାମି ଓ ଭଲ ପାଇବା ହିଁ ସେଲିବ୍ରିଟିଙ୍କୁ ପହଞ୍ଚାଏ ସଫଳତାର ଶୀର୍ଷରେ। ଯାହାର ଯେତେ ଫ୍ୟାନ୍ ସେ ସେତେ ପ୍ରସିଦ୍ଧ। ସେହିଭଳି ବିନା ଫ୍ୟାନ୍‌ରେ ସେଲିବ୍ରିଟିଙ୍କର ବି ଅସ୍ତିତ୍ୱ ରହେନା। ସେଲିବ୍ରିଟି ଓ ଫ୍ୟାନ୍‌ଙ୍କ ମଧ୍ୟରେ ଥିବା ଏଇ ନିଆରା ସମ୍ପର୍କକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସେଲିବ୍ରିଟିଙ୍କ ଫ୍ୟାନ୍'ଟି ଏକ ମନଛୁଆଁ ଆଲେଖ୍ୟ ଥିଲା। 'ଉପକାରୀ ବୃକ୍ଷ', 'କିପରି ବଢିବ ଧନ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା।

***–ମୌସୁମୀ ସ୍ୱାଇଁ, ପଟିଆ, ଭୁବନେଶ୍ୱର***

* ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ 'ସେଲିବ୍ରିଟିଙ୍କ ଫ୍ୟାନ୍' ନାମକ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ଆଲେଖ୍ୟ ଥିଲା। ଏଥିରୁ କେତେଜଣ ନାମକରା ସେଲିବ୍ରିଟି ଓ ତାଙ୍କ କ୍ରେଜି ଫ୍ୟାନ୍‌ମାନଙ୍କ ସମ୍ପର୍କରେ ଅନେକ ରୋଚକପୂର୍ଣ୍ଣ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ 'କଳ୍ପନାର କୁଶଳୀ କାରିଗର ହରିହର ମିଶ୍ର'ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ୱର୍ଗ-ସ୍ପର୍ଶ' ନାମକ ଗପ ଏବଂ 'ଭିନ୍ନ ପ୍ରେମ' ଓ 'ଅପେକ୍ଷା' ନାମକ କବିତା ଦୁଇଟି ଖୁବ୍ ମନଛୁଆଁ ହୋଇପାରିଥିଲା।

***–ନବଘନ ସାହୁ, ବରପାଲି, ବରଗଡ଼***

* ସିନେମା ପୃଷ୍ଠାରେ ସ୍ଥାନିତ 'ବାୟୋପିକ୍ ନିଶାରେ ଆଲିୟା', 'ଶହେରୁ ଜଣେ', 'ଦୀପିକାଙ୍କ ଫିଟ୍‌ନେସ୍ ଟିପ୍ସ', 'ସୁଇମିଂ ଚାମ୍ପିୟନ୍ ସଲମାନ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। କବି ନୃସିଂହ ତରାଇଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ବି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଭେଲ୍‌ଭେଟ୍ ଫୁଟୱେର୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***–ପ୍ରିୟଙ୍କା ମିଶ୍ର, ମାଟିତୋଟା, ପୁରୀ***

*ମଡେଲ୍ ମିରର୍‌ରେ ସୁଧାଂଶୁ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ସହର ପୃଷ୍ଠାରୁ ପବିତ୍ରସ୍ଥଳୀ ପର୍‌ଭଣୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କନ୍‌ଫରେନ୍ସ ସାଇକେଲ୍' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୪୬୫ ଦିନ ଯାଏଁ ଫାଟିବନି ଫୋଟକା' ଓ 'ଜିରାଫ ନା ଜେବ୍ରା' ଏବଂ 'ଏତେ ବଡ଼ ବୁଣା କଣ୍ଟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା।

***–ସନ୍ଧ୍ୟାରାଣୀ ପଟ୍ଟନାୟକ, ପ୍ରେସ୍ ଛକ, କଟକ***



## ବିଶେଷ ଚିଠି

ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ନାମଟି ତୁମର ଅଟେ ଛୁଟିଦିନ।
ପ୍ରତି ରବିବାରେ ତୁମେ ଆସିଥାଅ
ଅନେକ ଲେଖା ସଙ୍ଗେ ଆଣିଥାଅ।
ଭାରି ନିଆରା ଲାଗେ ତୁମ ପ୍ରଚ୍ଛଦ
ଦେଇଥାଏ ସିଏ ସଭିଙ୍କୁ ଆନନ୍ଦପ୍ରମୋଦ।
ସିନେମା ବି କିଣିନିଏ ମନକୁ ମୋର
ଭାରି ଭଲଲାଗେ ପ୍ରଥମ ରୋଜଗାର।
ହେ ଛୁଟିଦିନ, ତୁମକୁ ଖାଲି କରୁଛି ମିନତି
ସବୁବେଳେ ହସୁଥାଅ ଓ ଆସୁଥାଅ ଏମିତି।

***–ଲିଜାଲିନ୍ ପଣ୍ଡା, ଢେଙ୍କାନାଳ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଅନନ୍ୟା



**ଆଉ ଅସୂର୍ଯ୍ୟଂପଶ୍ୟା ହୋଇ ରହିନି ଆଜିର ନାରୀ। ଚୁଲି ମୁଣ୍ଡରେ ନିଜର ସ୍ୱପ୍ନକୁ ଜାଳି ଦେଉଥିବା ଗୃହବଧୂ ଏବେ ଧାଡ଼ି ଆଗକୁ ଯିବାର ସଙ୍କଳ୍ପ ନେଇସାରିଛି। ଦବିଲା ଦବିଲା ସ୍ୱର ତା'ର କହୁଛି ସଂଘର୍ଷର କଥା। ପୁରୁଷଙ୍କ ସହ ସମାନ ହୋଇ ସମ୍ମାନର ସହ ବଞ୍ଚିବାର ରାସ୍ତା ବି ତିଆରି କରି ଚାଲିଛି। ଯେଉଁ ରାସ୍ତାରେ ସଂରକ୍ଷଣର କଥା ଆସୁଛି, ସଶକ୍ତୀକରଣର ସ୍ୱର ଶୁଭୁଛି। ଲିଙ୍ଗଗତ ସମାନତାର କଥା ବି କୁହାଯାଉଛି। ତେବେ ନାରୀଟିଏ ନାରୀ ହୋଇ ବଞ୍ଚିବା ପାଇଁ ଏସବୁ ସତରେ କେତେ ଗୁରୁତ୍ୱ ରଖୁଛି ତାକୁ ନେଇ କ'ଣ କୁହନ୍ତି ଆଜିର ନାରୀମାନେ...**

## ସବୁ କ୍ଷେତ୍ରରେ ସହଭାଗିତା ରହୁ

**–ମିନତି ବେହେରା**

ସେ ସମାନତାରେ ବିଶ୍ୱାସ ରଖନ୍ତି। ସହଭାଗିତାର କଥା କୁହନ୍ତି। ତାଙ୍କ ମତରେ ନାରୀଟିଏ ସେହିଦିନ ସମ୍ମାନର ସହ ଜିଇପାରିବ, ଯେବେ ପ୍ରତିକ୍ଷେତ୍ରରେ ତା'ର ପୁରୁଷ ସହ ସହଭାଗିତା ରହିପାରିବ। ଇଏ ହେଲେ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା। ରେଭେନ୍ସାରେ ପିଜି କରିବା ପରେ ଏଲ୍‌ଏଲ୍‌ବି କରନ୍ତି। ଅଧ୍ୟାପିକା ଭାବରେ ଚାକିରିରେ ଯୋଗ ଦେବାର ଥାଏ। କିନ୍ତୁ ପରିସ୍ଥିତି ବଦଳିଯାଏ। ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା ପରିଷଦ ପାଇଁ ନିର୍ବାଚନ ଲଢ଼ି ସଫଳ ହୁଅନ୍ତି। ଆଉ ଏହିଠାରୁ ଆରମ୍ଭ ହୁଏ ତାଙ୍କର ଉଭୟ ରାଜନୈତିକ ଓ ସମାଜ ସେବାର ଯାତ୍ରା। ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ରହିଥିବା ମିନତି ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଥିଲେ ଭିନ୍ନକ୍ଷମ କମିଶନର ଚେୟାରମ୍ୟାନ୍। ପରେ ୨୦୧୮–୨୦୧୯ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଦାୟିତ୍ୱ ତୁଲାଇବା ପରେ ୨୦୧୯ ଅଗଷ୍ଟ ୨୦ ତାରିଖରେ ମହିଳା କମିଶନ ଅଧ୍ୟକ୍ଷାଭାବେ ଦାୟିତ୍ୱ ନିଅନ୍ତି। ଆଉ ତାଙ୍କର ପ୍ରଥମ କର୍ତ୍ତବ୍ୟ ଭାବରେ ଧରିନିଅନ୍ତି କେମିତି ପ୍ରତିଟି ମହିଳା ସମାଜରେ ସମ୍ମାନର ସହ ବଞ୍ଚିପାରିବ। ମିନତି କୁହନ୍ତି, 'ଯେତେବେଳେ ମୁଁ ଦାୟିତ୍ୱ ନେଲି ଦେଖିଲି ଗୋଟେ କେସ୍‌ର ଡେଟ୍ ପଡିବାକୁ ମାସକରୁ ଅଧିକ ସମୟ ଲାଗିଯାଉଥିଲା। ମୁଁ ତାକୁ ପନ୍ଦର ଦିନକୁ ନେଇ ଆସିଲି। ଏମିତିକି ଗୋଟେ ଗୋଟେ କେସ୍ ଦୁଇ ତିନି ଦିନରେ ମଧ୍ୟ ସମାଧାନ ହୋଇଛି। ଜଏନ୍ କରିବା ବେଳେ ୧୨ ହଜାର କେସ୍ ଥିଲା। ଏବେ ୬ହଜାର ୫ଶହ ଅଛି। ମାର୍ଚ୍ଚ ବେଳକୁ ୬ ହଜାର ତଳକୁ ରହିବ ବୋଲି ଆଶା। କରୋନା ସମୟରେ ସାମ୍ନା ସାମ୍ନି କାଉନ୍‌ସେଲିଂ କରିବା ସମ୍ଭବ ନ ଥିଲା। କିନ୍ତୁ ଭର୍ଚୁଆଲ୍ କାଉନ୍‌ସେଲିଂ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରିଛୁ। କାଉନ୍‌ସେଲିଂ ପରେ ବହୁତ କେସ୍ ସମାଧାନ ହୋଇପାରିଛି। ବିଶେଷ କରି ଏହି ସମୟରେ ଆମେ ଆଉ ଗୋଟିଏ କାମ କରିଛୁ। ମହିଳାମାନଙ୍କ ପାଇଁ କ'ଣ ଅଧିନିୟମ ରହିଛି, କ'ଣ ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥା ରହିଛି– ସେସବୁକୁ ଆମେ ଓଡ଼ିଆରେ ପ୍ରଶ୍ନ ଉତ୍ତର ପ୍ରସ୍ତୁତ କରି ବହି କରିଛୁ। ଆଉ ଏ ଭିତରେ ୧୦ରୁ ୧୫ ହଜାର ବହି ବାଣ୍ଟି ସାରିଛୁ। ଆମେ ଚାହିଁଛୁ ପ୍ରତ୍ୟେକ ମହିଳା ଜାଣନ୍ତୁ ଯେ, ତାଙ୍କ ପାଇଁ କ'ଣ ସବୁ ଆଇନଗତ ଦିଗ ରହିଛି। ଅଧିକାଂଶ ଅଶିକ୍ଷିତ ମହିଳା ଜାଣି ନ ଥାନ୍ତି ଯେ, ସେମାନେ ନ୍ୟାୟ ପାଇଁ କାହା ପାଖରେ ଅଭିଯୋଗ କରିବେ। ଅଧିକାଂଶ କ୍ଷେତ୍ରରେ ଲଜ୍ଜା ଯୋଗୁ ଇଜ୍ଜତ ଯିବାର ଭୟରେ ଅନେକ ମହିଳା ଚୁପ୍ ରହିଯାନ୍ତି। ଜାଣି ପାରନ୍ତି ନାହିଁ ସେମାନେ କେଉଁଠି ଓ କାହା ପାଖରେ ଅଭିଯୋଗ କରିବେ। ଏହି ପୁସ୍ତକଟି ଏହିକ୍ଷେତ୍ରରେ ସେମାନଙ୍କୁ ବହୁତ ସାହାଯ୍ୟ କରିବ। ମିଶନ ଶକ୍ତି ମା'ମାନଙ୍କୁ ଏହି ପୁସ୍ତିକା ବଣ୍ଟାଯାଇଛି। ଆମେ ଚାହୁଁଛୁ ପ୍ରତ୍ୟେକ ମହିଳା ତାଙ୍କ ଅଧିକାର ସମ୍ପର୍କରେ ଜାଣନ୍ତୁ। ଆମେ ଜେଣ୍ଡର ଇକ୍ୱାଲ୍‌ଟି କଥା କହୁଛେ, ଯାହା କି ଏ ବର୍ଷ ମହିଳା ଦିବସର ଥିମ୍ ବି ରହିଛି। ଏହି ସମାନତା ଆମ ପ୍ରାଥମିକ ସ୍ତରରୁ ଅର୍ଥାତ୍ ପରିବାରରୁ ଆସିବା ଦରକାର। ଯେଉଁ ସୁବିଧା ଆମେ ପୁଅକୁ ଦେଇଛୁ ସେହି ସୁବିଧା ଆମେ ଝିଅକୁ ଆଦୌ ଦେଉନାହୁଁ। ପ୍ରଥମେ ଏହି ମାନସିକତା ବଦଳିବା ଦରକାର। ତେବେ ସବୁଠୁ ବଡ଼ କଥା ମହିଳାଟିଏ ସଶକ୍ତ ହେବା ଦରକାର। ବୁଝିବା ଦରକାର ଯେ ଯେଉଁଠି ଅଧିକାର ମିଳୁନି ସେଠାରେ ଅଭିମାନ ନ କରି ଅଧିକାର ଛଡେଇ ଆଣିବା ଦରକାର।

ତେବେ ଯେଉଁ ଗୋଟିଏ କଥା ବାରମ୍ବାର ପ୍ରଶ୍ନ ହୋଇ ଛିଡାହୋଇଛି ସେଇଟା ହେଲା ଜଣେ ମହିଳା ଆଗକୁ ଯିବା ପାଇଁ ସଂରକ୍ଷଣ ଜରୁରୀ କି ନା ? ଏ ନେଇ ମିନତିଙ୍କର ସ୍ପଷ୍ଟ ମତ ଯେ, 'ସଂରକ୍ଷଣ ଜରୁରୀ'। ଏଇଥିପାଇଁ ଯେ ମହିଳାମାନେ ସ୍ୱାଭିମାନୀ । ସମସ୍ତଙ୍କ ସ୍ୱାର୍ଥ ପାଇଁ ସେ ନିଜକୁ ସବୁବେଳେ ବଳି ଦେବାକୁ ପ୍ରସ୍ତୁତ। ସାଲିସ କରିବାକୁ ପ୍ରସ୍ତୁତ। ତେଣୁ ରାଜନୀତି କ୍ଷେତ୍ରରେ ହେଉ କି ଚାକିରି କ୍ଷେତ୍ରରେ ହେଉ, ସଂରକ୍ଷଣ ରହିବାଦ୍ୱାରା ମହିଳାଟିଏ ଆଗକୁ ଯାଇପାରୁଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସିଟ୍ ହେବା ପରେ ବହୁତ ମହିଳା ଆଗକୁ ଆସିଛନ୍ତି। ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ନ ହୋଇ ୫୦ ପ୍ରତିଶତ ସଂରକ୍ଷଣ ରହିଲେ ମହିଳାମାନେ ଅର୍ଥନୈତିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିବେ। ଅର୍ଥନୈତିକ ସ୍ଥିତି ସୁଦୃଢ଼ ହେଲେ ନିର୍ଯାତନା ହାର ନିଶ୍ଚିତ ଭାବରେ ହ୍ରାସ ପାଇବ। ନାରୀଟିଏ ସ୍ୱାଧୀନ ଭାବରେ ବଞ୍ଚିପାରିବ। ଗରିବ ଝିଅମାନଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ଓ ଉଚ୍ଚ ଶିକ୍ଷାକୁ ମାଗଣା କରାଯାଉ। କାରଣ ପରିବାରର ଆର୍ଥିକ ଚାପରେ ଅନେକ ମେଧାବୀ ଝିଅ ଆଗକୁ ପଢି ପାରନ୍ତି ନାହିଁ। ଏଠାରେ ସଂରକ୍ଷଣ ଜରୁରୀ ହୋଇ ପଡେ। ପ୍ରତି ମୁହୂର୍ତ୍ତରେ ମହିଳାମାନଙ୍କ ପାଇଁ ଲଢୁଥିବା ମିନତି ବେହେରାଙ୍କ ବିଶ୍ୱାସ ସେହିଦିନ ନାରୀଟିଏ ସମ୍ମାନର ସହ ବଞ୍ଚିପାରିବ ଯେଉଁଦିନ ତାକୁ ଅର୍ଥନୈତିକ ସ୍ୱାଧୀନତା ମିଳିବା ସହ ପ୍ରତ୍ୟେକ କ୍ଷେତ୍ରରେ ତା'ର ସହଭାଗିତା ରହିବ।

## ସଂରକ୍ଷଣ ନୁହେଁ ସଶକ୍ତୀକରଣ ଆବଶ୍ୟକ–ସରୋଜିନୀ ସାହୁ

ସରୋଜିନୀ ସାହୁ। ଓଡ଼ିଆ ସାହିତ୍ୟର ଏକ ନିଆରା ସ୍ୱର। ସେ ସ୍ୱର ଯେତିକି ସ୍ପଷ୍ଟ, ସେତିକି ନିର୍ଭୀକ, ଯାହା ଦେଖିବାକୁ ମିଳେ ତାଙ୍କ ଗଳ୍ପ, ଉପନ୍ୟାସଗୁଡ଼ିକରେ। ଯେଉଁଥିପାଇଁ ଚର୍ଚ୍ଚା ହେଇଛି, ଝଡ଼ ଉଠିଛି। କିନ୍ତୁ ତାଙ୍କ ଦୃଢ଼ତା ଆଗରେ ସବୁ ହାର୍ ମାନିଛି। ଛଳନାକୁ ପସନ୍ଦ କରନ୍ତି ନାହିଁ କି ଲେଖକୀୟ ଖୋଳପା ପିନ୍ଧି ଲେଖନ୍ତି ନାହିଁ। ପିଲାବେଳୁ ହିଁ ସେ ବେଶ୍ ସ୍ପଷ୍ଟବାଦୀ। ସରୋଜିନୀ କୁହନ୍ତି 'ମୁଁ ନାରୀ ହୋଇଥିବାରୁ ମୋ ଅଧିକାଂଶ ଗଳ୍ପର ମୁଖ୍ୟ ଚରିତ୍ର ନାରୀ ହିଁ ଥାଏ। ମୁଁ ବିଶ୍ୱାସ କରେ ସାମାଜିକ, ଶାରୀରିକ ଓ ମାନସିକ ସ୍ତରରେ ନାରୀ ପୁରୁଷଠାରୁ ସମ୍ପୂର୍ଣ୍ଣ ଭିନ୍ନ। ନାରୀର ବିଭିନ୍ନ ଅବସ୍ଥା ଓ ଭୂମିକାକୁ ନେଇ ମୋର ଗଳ୍ପ ଗତିଶୀଳ। କାହିଁକି ନା ଏସବୁକୁ ମୁଁ ଅଙ୍ଗେ ନିଭାଇଛି। ଏହା କେବଳ ନିଚ୍ଛକ ଅନୁଭବର କଥା।' ଏହାକୁ ନେଇ ତାଙ୍କୁ କେହି ବାମାବାଦୀ କହିବା ଉଚିତ ନୁହେଁ। ତାଙ୍କ ପାଇଁ ନାରୀ ଯେମିତି ସ୍ୱତନ୍ତ୍ର,

→


କୃଷ୍ଣା ମହାନ୍ତି

ପୁରୁଷ ବି ସେମିତି ସ୍ୱତନ୍ତ୍ର। ନାରୀ ସଶକ୍ତୀକରଣକୁ ନେଇ ସେ କୁହନ୍ତି, 'ଜୈବିକ ଦୃଷ୍ଟିରୁ ବିବେଚନା କଲେ ନାରୀର ଶାରୀରିକ ବିକାଶ ପୁରୁଷଙ୍କଠାରୁ ଭିନ୍ନ। ସେହି କାରଣରୁ ମଣିଷ ସମାଜରେ ଶାରୀରିକ ଶକ୍ତି ଧାରଣ କରିଥିବା ପୁରୁଷ ସବୁବେଳେ ନାରୀକୁ କବଳିତ କରି ରଖିଛି। ଧୀଶକ୍ତି ଦୃଷ୍ଟିରୁ ଦେଖିବାକୁ ଗଲେ ଉଭୟ ହିଁ ସମାନ, କେହି କାହାଠୁଁ ଊଣା ନୁହନ୍ତି। ଅସୁବିଧାଟି ହେଉଛି ବର୍ଷ ବର୍ଷ ଧରି ନାରୀ ଘର କୋଣରେ ବସି ରହିବା ଫଳରେ ଅନେକ ଅନୁଭୂତି ଓ ଅଭିଜ୍ଞତାରୁ ସେ ବଞ୍ଚିତା। ଫଳରେ ବାଘ ଠୁଁ ଫାଗକୁ ସେ ଡରି ଆସିଛି। ତେଣୁ ନାରୀ ସଶକ୍ତୀକରଣର ଆବଶ୍ୟକତା ରହିଛି। ମାତ୍ର ସଂରକ୍ଷଣର ନୁହେଁ, ବରଂ ନିଜେ ନାରୀ ହିଁ ଲଢ଼ିବାକୁ ବାହାରି ଆସିବା ଉଚିତ। ଅନ୍ତତଃ ନାରୀ ତା' ଅନ୍ତଃକରଣରେ ଭୟଶୂନ୍ୟ ହୋଇ ବିଭିନ୍ନ ସାମାଜିକ ବ୍ୟବସ୍ଥାରେ ନିଜକୁ ସ୍ଥାପିତ କରିବା ଉଚିତ। ଏବେ ବି ମୁଁ ଲକ୍ଷ୍ୟ କରିଛି, ସଂରକ୍ଷଣରେ ରାଜନୀତିକୁ ଓହ୍ଲାଇଥିବା ଅନେକ ନାରୀ ପ୍ରକୃତରେ ନାମମାତ୍ର ହିଁ। ସେତେବେଳେ ଜଣେ ନାରୀ ସଶକ୍ତ ହେବ ଯେତେବେଳେ ନିଜ ଦକ୍ଷତାରେ ସେ କିଛି କରିବାକୁ ସମର୍ଥ ହେବ। ପୁରୁଷର ହାତବାରିସି ହେବା ଅପେକ୍ଷା ସମତାଳ ସମଲୟ ସମାସ୍କନ୍ଦ ହୋଇ ଚାଲିଲେ ହିଁ ସେ ସଶକ୍ତ ବୋଲି ବୁଝିହେବ। ତା' ପୂର୍ବରୁ ନୁହେଁ। ପ୍ରକୃତରେ ଗୋଟେ ସମତୁଲ ସମାଜର ପରିକଳ୍ପନା ମୁଁ କରେ। ପରସ୍ପରର ସହଯୋଗିତାରେ ସହଭାଗିତାରେ ଗୋଟିଏ ସୁନ୍ଦର ସମାଜ ଗଢ଼ିବାର ପ୍ରୟାସ କରିବା ଉଚିତ। କୁହାଯାଏ ଗୋଟିଏ ସଫଳ ପୁରୁଷ ପଛରେ ନାରୀଟିଏର ହାତ ଥାଏ। ଠିକ୍ ସେହିଭଳି ଗୋଟିଏ ସଫଳ ନାରୀ ପଛରେ ପୁରୁଷଟିଏର ବି ହାତ ଥାଏ। ସମାଜରେ ଦୁଇଟି ଚକକୁ ବାଲାନ୍ସ କରି ନାରୀ ଓ ପୁରୁଷ ଏକ ସୁସ୍ଥ ପରମ୍ପରା ତିଆରି କରନ୍ତୁ, ଏହା ହିଁ କାମନା। ତେବେ ସମୟ ବଦଳିବା ସହିତ ଏବେ ଯୁବପିଢ଼ିଙ୍କ ଭିତରେ ଏକ ଜେଣ୍ଡର ଇକ୍ୱାଲିଟି ବେଶ୍ ପରିଲକ୍ଷିତ ହେଉଛି। ପୂର୍ବରୁ ରୋଷେଇ ଘର ପାଦ ମାଡ଼ୁ ନ ଥିବା ପୁରୁଷ ଏବେ ସ୍ତ୍ରୀକୁ ସାହାଯ୍ୟ କରିବାକୁ ପଛାଉ ନାହିଁ। ସ୍ତ୍ରୀ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ସକ୍ରିୟ। ରୁଢ଼ିବାଦୀ ଧାରଣାରୁ ଓହରି ଆସି ଆମକୁ ଏଇ ନୂଆ ପିଢ଼ିକୁ ସ୍ୱାଗତ କରିବା ଉଚିତ। ତେବେ ଯାଇ ପୁରାଣ କଥିତ 'ଅର୍ଦ୍ଧନାରୀଶ୍ୱର' ଚେତନାଟି ସତ୍ୟ ହେବ।

**ନାରୀ ସବୁବେଳେ ସଶକ୍ତ– କୃଷ୍ଣା ମହାନ୍ତି**

ଶିକ୍ଷାବିତ୍, ସାମାଜିକକର୍ମୀ କୃଷ୍ଣା ମହାନ୍ତି ଅନେକ ଦଶନ୍ଧି ଧରି ଅନୁଗୋଳର ବାଜିରାଉତ ଛାତ୍ରାବାସ ପରିଚାଳନା କରିଆସୁଛନ୍ତି ଯାହା ଦଳିତ, ବଞ୍ଚିତ ତଥା ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷାର ଏକ ମନ୍ଦିର । ଶାନ୍ତି ନିକେତନ ଢାଞ୍ଚାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ପିଲାଙ୍କୁ ସେମାନଙ୍କର ଶୈଶବର ସ୍ୱଚ୍ଛନ୍ଦତା ଓ କୈଶୋରର ସ୍ୱପ୍ନପ୍ରବଣତା ଦିଏ । ସେମାନଙ୍କ ଭିତରର ସ୍ଫୁଲିଙ୍ଗ ଟିକକୁ ଶିଖାରେ ପରିଣତ କରିବା ଲାଗି ସେ ଦିନ ରାତି ଏକାକାର କରି ଲାଗିଛନ୍ତି । ଅଶୀତିପର ବୟସରେ ତାଙ୍କଠାରେ କ୍ଳାନ୍ତି ଲେଶମାତ୍ର ଦେଖିବାକୁ ମିଳେ ନାହିଁ। ଅଧିକନ୍ତୁ ଆଖିରେ ତାଙ୍କର ଅସୁମାରି ସ୍ୱପ୍ନ ଏକ ସୁସ୍ଥ ତଥା ବିକଶିତ ସମାଜ ପାଇଁ। ଅରଟରେ ସୂତା କାଟିବାଠାରୁ ଆରମ୍ଭ କରି ପିଲାଙ୍କୁ ନୃତ୍ୟ, ଚିତ୍ରକଳା, ସଙ୍ଗୀତ ଶିଖାଇବା ଯାଏ ସବୁକାମରେ କୃଷ୍ଣା ମହାନ୍ତି ଏବେ ବି ତତ୍ପର। ନାରୀ ସଶକ୍ତୀକରଣକୁ ନେଇ କୃଷ୍ଣା କୁହନ୍ତି, ' ନାରୀ କେବଳ ପୁରୁଷଙ୍କର ଭୋଗ୍ୟବସ୍ତୁ ହୋଇ ରହିବ ବୋଲି ଭାବୁଥିବା ଏବଂ ତା' ଉପରେ ନିଜର ମାଲିକାନା ସ୍ୱତ୍ୱ ବଜାୟ ରଖିବାକୁ ଚାହୁଁଥିବା ପୁରୁଷପ୍ରଧାନ ସମାଜରୁ ଆପଣାକୁ ମୁକ୍ତ କରିବା ପାଇଁ ଚାହୁଁଥିବା କେତେଜଣ ମହିଳା ନାରୀ ସଶକ୍ତୀକରଣ କଥା ଭାବିଲେ। ମୁଁ ମନେକରେ ନାରୀ ସବୁବେଳେ ସଶକ୍ତ। ତା' ନ ହେଲେ ସେ ସନ୍ତାନ ପ୍ରସବ ଭଳି କଷ୍ଟ କାମ କରୁଛି କେମିତି! ପୁରୁଷ ଯେପରି କେତେକ କାମ କରିବାକୁ ଅକ୍ଷମ, ସେହିପରି କେତେଜଣ ନାରୀ ମଧ୍ୟ ସବୁ କାମ କରିବାକୁ ଅକ୍ଷମ ଥାଆନ୍ତି। କ୍ଷମତା ବା ଅକ୍ଷମତା ଉପରେ ଅଧିକାର ନିର୍ଭର କରେନାହିଁ। ଶାରୀରିକ ଓ ମାନସିକ ଶକ୍ତି ଉପରେ କ୍ଷମତା ନିର୍ଭର କରେନାହିଁ । ପୁରାଣଠାରୁ ଆଜି ପର୍ଯ୍ୟନ୍ତ ଆମେ ବହୁ ସଂଗ୍ରାମ ଦେଖିଲେ, ସଶସ୍ତ୍ର ଓ ମହାତ୍ମା ଗାନ୍ଧୀଙ୍କ ଅହିଂସା ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟକ୍ଷ ପ୍ରମାଣ ଦେଖିଲେ, ଯେଉଁଠି ନାରୀ ଓ ପୁରୁଷ କାନ୍ଧକୁ କାନ୍ଧ ମିଳାଇ ସଂଗ୍ରାମ କଲେ। ତେଣୁ ପ୍ରତିଯୋଗିତାର ପ୍ରଶ୍ନ ନାହିଁ। ତେବେ ସମ ଅଧିକାର ତ ନିଶ୍ଚିତ ଭାବରେ ରହିବ। ଏ ଶତାବ୍ଦୀରେ ଏହାକୁ ନେଇ ପ୍ରଶ୍ନ କାହିଁକି? ଗୋଟିଏ ଗାଡ଼ିର ଦୁଇଟି ବା ବହୁ ଅଧିକ ଚକ ଥାଏ ଏବଂ ପ୍ରତ୍ୟେକଟି ଚକ ମହତ୍ତ୍ୱପୂର୍ଣ୍ଣ, ସେହିପରି ନାରୀ ଓ ପୁରୁଷ ଆପଣା ସ୍ଥାନରେ ମହତ୍ତ୍ୱପୂର୍ଣ୍ଣ ଏକଥା ଆମେ ବୁଝିଗଲେ ଅଧିକାର ଯେ ସମାନ ତାହା ମଧ୍ୟ ବୁଝିବା। ପରସ୍ପରକୁ ସମ୍ମାନ କରିବା ସହ ପରିବାର ହେଉ ବା ସମାଜରେ ଯେଝା ଭୂମିକା ନିର୍ବାହ କରିବା ସହ ଜଣେ ଅନ୍ୟର ପରିପୂରକ ହୋଇପାରିବେ ।

**ନାରୀ ନିଜେ ସଶକ୍ତ– ଭବାନୀ ଭୂୟାଁ**

ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନରେ 'ସେଠାକାର ଲୋକଙ୍କ ଆଖିରେ ସ୍ଥାନୀୟ ରମାଦେବୀ ନାମରେ ପରିଚିତା ଭବାନୀ ଭୂୟାଁ ଜଣେ କବି, ଚିତ୍ରକର, ସମ୍ପାଦିକା ଏବଂ ସାମାଜିକ କର୍ମୀ। ଗଲା ବତିଶ ବର୍ଷ ଧରି ବିଭିନ୍ନ ସାମାଜିକ ଆନ୍ଦୋଳନ ଯଥା ମଦ ବିରୋଧୀ ଆନ୍ଦୋଳନ, ଗୋପାଳପୁର ଟାଟା ବିରୋଧୀ ଆନ୍ଦୋଳନ, ପୋସ୍କୋ ବିରୋଧୀ ଆନ୍ଦୋଳନ, ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ, ସିପସରୁବାଲି ଆନ୍ଦୋଳନ, ବିଭିନ୍ନ ପରିବେଶ ଆନ୍ଦୋଳନ ସହ ଜଡ଼ିତ ହୋଇଛନ୍ତି ଭବାନୀ। ଅନେକ ସମୟରେ ଜନ ଜାଗରଣ ସୃଷ୍ଟି କରିବା ପାଇଁ ଗଣସଙ୍ଗୀତ ପରିବେଷଣ କରୁଥିବା ଭବାନୀ ଭୂୟାଁଙ୍କ ସ୍ୱର ସ୍ପଷ୍ଟ ଓ ନିର୍ଭୀକ। ନାରୀ ସଶକ୍ତୀକରଣର ଆବଶ୍ୟକତାକୁ ନେଇ ଭବାନୀ କୁହନ୍ତି,'ତଥାକଥିତ ନାରୀ ସଶକ୍ତୀକରଣ ଏକ ରାଜନୈତିକ ଶସ୍ତା ପ୍ରଚାର । ନାରୀ ସଶକ୍ତୀକରଣ ନାଁରେ କିଛି ମହିଳାଙ୍କୁ ପକେଟ୍‌ରେ ରଖି ନିଜର ଭୋଟ ବ୍ୟାଙ୍କକୁ ଗଚ୍ଛିତ ରଖିବା ହେଉଛି ଏକ ରାଜନୈତିକ କୌଶଳ। ନାରୀ ନିଜେ ସଶକ୍ତ । ପୁରୁଷ ସହିତ ସମାନ ଅଧିକାରର ଭାଗୀଦାର ସେ। ମହିଳାମାନଙ୍କ ପାଇଁ କେତେ ପ୍ରତିଶତ ସଂରକ୍ଷଣ କରାଗଲା, ଏ ସବୁ ଦୟା କାହିଁକି ? ନାରୀ ପୁରୁଷ ସହିତ ସମକକ୍ଷ, ପୁରୁଷ ସହ ସମାନ ତାଳରେ ଚାଲିବ ତେଣୁ ଦୟା କରିବାର ପ୍ରଶ୍ନ ଆସୁଛି କୁଆଡ଼ୁ ? କେହି ତାକୁ ଦୟା କରି ସଶକ୍ତ କରିବ କ'ଣ ? ତା' ଭିତରେ ସମସ୍ତ ଶକ୍ତି ରହିଛି କିନ୍ତୁ ଆମ ପୁରୁଷତାନ୍ତ୍ରିକ ସମାଜ ବ୍ୟବସ୍ଥା ତାକୁ ସେ ସବୁ ସୁଯୋଗରୁ ବଞ୍ଚିତ କରି ତାକୁ ଏକ ବ୍ୟକ୍ତି ହିସାବରେ ନ ଦେଖି ଏକ ନାରୀସତ୍ତା ହିସାବରେ ଦେଖେ। ଗାଁ ଗାଁରେ, ସାହି ବସ୍ତି ଅଞ୍ଚଳରେ ବିଭିନ୍ନ ଗ୍ରୁପ୍ କରି, ଗ୍ରୁପ୍ ଲୋନ୍‌ର ଭେଳିକି ଦେଖାଇ ନାରୀ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ( ଆନ୍ଦୋଳନାତ୍ମକ ଶକ୍ତି ) ଦୁର୍ବଳ କରିବା, ଦେଶପ୍ରତି, ସମାଜପ୍ରତି ଏବଂ ଜନସାଧାରଣଙ୍କ ପ୍ରତି ଥିବା ତା'ର କର୍ତ୍ତବ୍ୟକୁ ବିକାଶୋନ୍ମୁଖୀ ଚିନ୍ତାଧାରାକୁ ଦବେଇ ରଖିବା ହେଉଛି ସଶକ୍ତୀକରଣର ଏକ ଗୂଢ଼ ପ୍ରୟାସ। ସେ ନିଜେ ସଶକ୍ତ ଏବଂ ନିଜକୁ ହିଁ ସଶକ୍ତ କରି ଅନୁକୂଳ ପରିବେଶ ତିଆରି କରିବା ଦରକାର । ସେଥିପାଇଁ କଡ଼ାକଡ଼ି ଆଇନ ବ୍ୟବସ୍ଥା ମଧ୍ୟ ତିଆରି ହେବା ଦରକାର, ଯେପରି ନାରୀ ସ୍ୱଚ୍ଛନ୍ଦରେ, ନିର୍ଭୟରେ ପୁଅଙ୍କ ଭଳି ଚଳପ୍ରଚଳ ହୋଇପାରୁଥିବ ଏବଂ ସବୁକ୍ଷେତ୍ରରେ ସମାନ ଅଧିକାର ପାଇପାରୁଥିବ। ବୁଦ୍ଧିରେ, ଜ୍ଞାନରେ, ଚିନ୍ତାଧାରାରେ ସେ ପୁରୁଷଠାରୁ କିଛି କମ୍ ନୁହେଁ । ତା'ର ଅନନ୍ୟତାର ବହୁ ଦୃଷ୍ଟାନ୍ତ ରହିଛି । ମୁଁ ବିଭିନ୍ନ ଆନ୍ଦୋଳନ ସହ ଜଡ଼ିତ। ୧୯୮୦ ଦଶକର ବାଲିଆପାଳ ଆନ୍ଦୋଳନଠାରୁ ଆରମ୍ଭ କରି ବର୍ତ୍ତମାନର ଢିଙ୍କିଆ ଜିନ୍ଦଲ ବିରୋଧୀ ଆନ୍ଦୋଳନରେ ଦେଖିଛି ନାରୀ ଭିତରେ ଏକ ଅନନ୍ୟ ଶକ୍ତି ରହିଛି । ସେ ଆଜି ପଛକୁ ଭ୍ରୂକ୍ଷେପ ନ କରି ପୁରୁଷ ସହିତ କାନ୍ଧକୁ କାନ୍ଧ ମିଶାଇ ଆନ୍ଦୋଳନକୁ ତେଜିଁପଡ଼ିଛି। ଏପରିକି ପ୍ରାୟ ସବୁ ଆନ୍ଦୋଳନରେ ଦେଖାଯାଇଛି ନାରୀ ପୁରୁଷକୁ ପଛରେ ରଖି ପୋଲିସର ମୁହାଁମୁହିଁ ହୋଇଛି। ଏପରି କି ସେ କହିଛି, 'ଆମେ ତିରିଲାନୁକ ମାଟି ପାଇଁ ଆଗେ ମରିବୁ , ଆମର ମରଦନୁକକୁ ଆଗକୁ ଛାଡ଼ିବୁନି । ଆମେ ମଲେ ଚଳିବ କିନ୍ତୁ ସେମାନଙ୍କୁ ଆଗକୁ ଛାଡ଼ିବୁନି।' ଏଥିରୁ ନାରୀମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ସହଜରେ ଅନୁମେୟ କରିହୁଏ। ଆମେ ଆଦିବାସୀ ଅଞ୍ଚଳକୁ ଯିବା, ସେଠି ଦେଖିବା ନାରୀ ପୁରୁଷ ଉଭୟେ ଖଟନ୍ତି , କାହାରି କାହା ପ୍ରତି ବୈରତା ନାହିଁ ବରଂ ସେଠି ନାରୀର ବ୍ୟକ୍ତିତ୍ୱକୁ ସମ୍ମାନ ଦିଆଯାଏ। ଘରକରଣାଠାରୁ ଦେଶକୁ ରକ୍ଷା କରିବା ଯାଏ ନାରୀ ତା'ର ଅନନ୍ୟତା ପ୍ରତିପାଦିତ କରିପାରିଛି। ସେ ଅନନ୍ୟା ତା'ର ଅନନ୍ୟତାକୁ ସେ ନିଜେ ହିଁ ତିଆରି କରିବ ।

**ନାରୀକୁ ତା'ର ଅନ୍ତଃସାମର୍ଥ୍ୟ ବୁଝିବାର ଆବଶ୍ୟକତା ଅଛି: ଶାଶ୍ୱତୀ କର**

ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ପ୍ରାପ୍ତ ଶାଶ୍ୱତୀ କର ରୁଚି ଦିଗରୁ ଜଣେ ଫ୍ରିଲାନ୍ସର । ତାଙ୍କର ମୁକ୍ତ ବିଚାର ପାଇଁ ସେ ସୁପରିଚିତ । ସେ ସଫ୍ଟ ସ୍କିଲ୍ ଏବଂ ଲାଇଫ ସ୍କିଲ୍‌ର ପ୍ରଶିକ୍ଷଣଦାତ୍ରୀ ଭାବରେ କାର୍ଯ୍ୟ କରନ୍ତି। ଗତ ଦଶବର୍ଷ ଧରି ଭାରତର ବିଭିନ୍ନ ଭାଗରେ ବିଭିନ୍ନ ଗୋଷ୍ଠୀକୁ ବ୍ୟବହାରିକ କୌଶଳ ଓ ପ୍ରଭାବଶାଳୀ ଯୋଗାଯୋଗ ସମ୍ବନ୍ଧରେ ସେ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ସେ ଏନ୍‌ଏଲ୍‌ପିର ଜଣେ ପ୍ରମାଣସିଦ୍ଧ କାର୍ଯ୍ୟକର୍ତ୍ତା । ସେ ବିଶ୍ୱାସ କରନ୍ତି ଯେ ଏକ ସୁସ୍ଥ ସମାଜରେ ନାରୀ ସ୍ୱାଭାବିକ ଭାବରେ ନିଜକୁ ସଶକ୍ତ ମନେକରିପାରିବ । ନାରୀ ସଶକ୍ତୀକରଣର ଆଶ୍ୟକତା ସମ୍ପର୍କରେ ଶାଶ୍ୱତୀ କୁହନ୍ତି, 'ନାରୀ ସଶକ୍ତୀକରଣ ଏକ ବହୁଧା ବ୍ୟବହୃତ ଶବ୍ଦ ଯାହା ଏକ ଧାରଣା ସୃଷ୍ଟି କରେ ଯେ ନାରୀ କହିଲେ ଏକ ସମଭାବ ସମ୍ପନ୍ନ ଗୋଷ୍ଠୀ । ବାସ୍ତବରେ ଏହା ମାନବ ସମାଜ ଭଳି ବିବିଧତାଭିତ୍ତିକ। ସଶକ୍ତୀକରଣ ଏକ ସକାରାତ୍ମକ ଶବ୍ଦ ଯାହାର ବ୍ୟୁତ୍ପତ୍ତି କିଛିଟା ନକାରାତ୍ମକ। ଯେତେବେଳେ ଆମେ ନାରୀ ସଶକ୍ତୀକରଣର କଥା କହୁ ଆମେ କ୍ଷୋଭ କରୁ ଯେ ପୁରୁଷତନ୍ତ୍ର ଦ୍ୱାରା ବ୍ୟବସ୍ଥା ଭିତ୍ତିରେ ପ୍ରଣାଳୀଗତ ଆଧିପତ୍ୟ ଦେଇ ନାରୀକୁ ଶକ୍ତିହୀନ କରାଯାଇଛି। ବିଡ଼ମ୍ବନା ଏହା ଯେ, ଆମେ ନାରୀର ସଶକ୍ତୀକରଣ ପାଇଁ ପୁରୁଷତାନ୍ତ୍ରିକ ବ୍ୟବସ୍ଥା ପାଖରେ ଆବେଦନ କରୁଛୁ । ମୁଁ ଅନୁଭବ କରେ ଯେ ଏକ ସୁସ୍ଥ ସମାଜ ଯେଉଁଠି ସମ୍ମାନ, ମାନବିକତା ଓ ନ୍ୟାୟ ଅଛି ସେଠି ନାରୀ ନିଜକୁ ସ୍ୱାଭାବିକ ଭାବେ ସଶକ୍ତ ମନେକରିବ । ନାରୀ ଓ ପୁରୁଷ ଜୈବ ଦିଗରୁ ଭିନ୍ନ । ପ୍ରକୃତି ନାରୀକୁ ପ୍ରଚଣ୍ଡ ଶକ୍ତି ମଣ୍ଡିତ କରି ଗଢ଼ିଛି। ନାରୀକୁ ତା'ର ଅନ୍ତଃ ସାମର୍ଥ୍ୟ ବୁଝିବାର ଆଶ୍ୟକତା ଅଛି।

ସତ କହିଲେ ସହିବାରେ ନାରୀ ସର୍ବାଗ୍ରେ। କିନ୍ତୁ ଆରମ୍ଭରୁ ଆଜିଯାଏ ଯେବେ ନାରୀ ସହିବାର ସୀମା ଟପିଛି, ଅତ୍ୟାଚାରିତ ହୋଇଛି, ସେ ମୁହଁ ଖୋଲିଛି, ଅଧିକାର ସାବ୍ୟସ୍ତ କରିଛି। ତା' ସାହସ ଓ ଶକ୍ତି ଆଗରେ ମୁଣ୍ଡ ନୁଆଁଇଛି ସମାଜ।

–ରୋଜାଲିନ୍ ମହାନ୍ତି


ମିନତି ବେହେରା


ସରୋଜିନୀ ସାହୁ


ଭବାନୀ ଭୂୟାଁ


ଶାଶ୍ୱତୀ କର









# ଲିପ୍‌ଷ୍ଟିକ୍

ନାରୀଙ୍କ ସୌନ୍ଦର୍ଯ୍ୟର ଏକ ପ୍ରମୁଖ ଅଂଶ ହେଉଛି ସେମାନଙ୍କ ଓଠ। ଆଉ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥିରେ ଲିପ୍‌ଷ୍ଟିକ୍ ଲଗାଇବା ଯେତିକି ଜରୁରୀ, ପରଫେକ୍ଟ ଲିପ୍‌ଷ୍ଟିକ୍‌ର ଚୟନ କରିବା ମଧ୍ୟ ସେତିକି ଆବଶ୍ୟକ। ଯଦି ଏଥିରେ ଟିକେ ଏପଟ ସେପଟ ହୋଇଯାଏ ; ତା'ହେଲେ ଲୁକ୍ ଖରାପ ଦେଖାଯାଇଥାଏ। ତେଣୁ କେଉଁ ଓଠ ପାଇଁ କିଭଳି ଟାଇପ୍‌ର ଲିପ୍‌ଷ୍ଟିକ୍ ଚୟନ କରିବା ଦରକାର ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**କ୍ରେୟନ୍ ଲିପ୍‌ଷ୍ଟିକ୍:** ଏହି ଟାଇପ୍‌ର ଲିପ୍‌ଷ୍ଟିକ୍‌ରୁ ଉଭୟ ଲିପ୍‌ଷ୍ଟିକ୍ ଓ ଲିପ୍‌ବାମ୍‌ର ଫାଇଦା ମିଳିଥାଏ। ତା'ଛଡ଼ା ଏହା ବିଭିନ୍ନ ରଙ୍ଗ ଓ ଟେକ୍ସଚରରେ ମଧ୍ୟ ଆସିଥାଏ। କ୍ରେୟନ୍ ଭଳି ଦେଖାଯାଉଥିଲେ ହେଁ ଏହା ତା' ତୁଳନାରେ ଟିକେ ଥିକ୍ ହୋଇଥାଏ ; ଫଳରେ ଏହା ବହୁତ ସମୟ ପର୍ଯ୍ୟନ୍ତ ଓଠରେ ରହିଥାଏ। ତେଣୁ ଯେଉଁ ମହିଳାମାନଙ୍କର ଓଠ ଶୀଘ୍ର ଶୁଖି ଯାଉଥିବାର ସମସ୍ୟା ରହିଥାଏ, ସେମାନଙ୍କ ପାଇଁ କ୍ରେୟନ୍ ଲିପ୍‌ଷ୍ଟିକ୍ ଏକ ଭଲ ଅପ୍ସନ ହୋଇପାରେ।

**କ୍ରିମ୍ ଲିପ୍‌ଷ୍ଟିକ୍:** ଏହି ଲିପ୍‌ଷ୍ଟିକ୍ ଓଠକୁ ସ୍ମୁଥ୍ ଲୁକ୍ ଦେଇଥାଏ ସତ, କିନ୍ତୁ ଏଥିରେ ମଇଶ୍ଚରାଇଜର୍‌ର ମାତ୍ରା ଟିକେ ଅଧିକ ଥାଏ। ଫଳରେ ଏହା ବେଶି ସମୟ ପର୍ଯ୍ୟନ୍ତ ଓଠରେ ରହେନାହିଁ, ଶୀଘ୍ର ଛାଡ଼ିଯାଏ। ତା'ଛଡ଼ା କ୍ରିମି ଟେକ୍ସଚର୍ ପାଇଁ ବେଳେବେଳେ ଏହା ଲିପ୍ ଲାଇନର ବାହାରକୁ ବାହାରିଗଲା ଭଳି ମଧ୍ୟ ଲାଗିଥାଏ। ସେଥିପାଇଁ ଏହି ଟାଇପ୍‌ର ଲିପ୍‌ଷ୍ଟିକ୍‌କୁ ଲଗାଇବା ପୂର୍ବରୁ ପ୍ରଥମେ ଲିପ୍ ଲାଇନର୍ ଲଗାଇବା ନିହାତି ଆବଶ୍ୟକ।

**ଗ୍ଲସି ଲିପ୍‌ଷ୍ଟିକ୍:** ଏହା ଓଠକୁ ସାଇନିଂ ଲୁକ୍ ଦେଇଥାଏ। ଯେଉଁମାନଙ୍କର ଓଠ ଟିକେ ପତଳା ସେମାନଙ୍କ ପାଇଁ ଏହି ଲିପ୍‌ଷ୍ଟିକ୍ ପରଫେକ୍ଟ ହୋଇଥାଏ। ଏହା ସେମାନଙ୍କ ଓଠକୁ ମୋଟା ଏବଂ ପୂରିଲା ପୂରିଲା ଦେଖାଇଥାଏ। କିନ୍ତୁ ଅନ୍ୟ ଲିପ୍‌ଷ୍ଟିକ୍ ତୁଳନାରେ ଏହା ଶୀଘ୍ର ଫେଡ୍ ହୋଇଯାଏ। ତେଣୁ ଯଦି କୌଣସି ପାର୍ଟି କିମ୍ବା ଫଙ୍କ୍‌ସନ୍‌ରେ ଅଧିକ ସମୟ ରହିବାର ଥାଏ ; ତା'ହେଲେ ଏହି ଟାଇପ୍‌ର ଲିପ୍‌ଷ୍ଟିକ୍ ନ ଲଗାଇବା ଠିକ୍ ହେବ।

**ଶିୟର୍ ଲିପ୍‌ଷ୍ଟିକ୍:** ପ୍ରତିଦିନ ବ୍ୟବହାର କରିବା ପାଇଁ ଏହି ଧରଣର ଲିପ୍‌ଷ୍ଟିକ୍ ପୂରା ପରଫେକ୍ଟ ହୋଇଥାଏ। ତା'ଛଡ଼ା ଏହି ଲିପ୍‌ଷ୍ଟିକ୍ ପାଇଁ ଲିପ୍ ଲାଇନର୍ ନ ଲଗେଇଲେ ବି ଚଳିବ। କାରଣ ଏହା ନାଚୁରାଲ୍ ଲୁକ୍ ଦେଇଥାଏ। ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଏହାକୁ ଲଗାଇବା ପୂର୍ବରୁ ଓଠରେ ହାଲ୍‌କା ଲିପ୍ ବାମ୍ କିମ୍ବା ଖାଲି କନ୍‌ସିଲର୍ ଟିକେ ଲଗାଇଲେ ବି ଚଳିବ।

**ମ୍ୟାଟ୍ ଲିପ୍‌ଷ୍ଟିକ୍:** ଏଥିରେ ମଇଶ୍ଚରାଇଜର୍‌ର ମାତ୍ରା ଟିକେ କମ୍ ଥାଏ। କିନ୍ତୁ ଏହାର ସବୁଠାରୁ ଭଲ ଗୁଣ ହେଉଛି ଏହା ଅନ୍ୟ ଲିପ୍‌ଷ୍ଟିକ୍ ପରି ଏତେ ଶୀଘ୍ର ଖରାପ ହୁଏ ନାହିଁ କିମ୍ବା ଓଠରୁ ଶୀଘ୍ର ଛାଡ଼େ ନାହିଁ। ତେଣୁ ବହୁତ ସମୟ ଧରି ଚାଲୁଥିବା ପାର୍ଟି, ଫଙ୍କ୍‌ସନ୍ ପାଇଁ ଏହି ଟାଇପ୍‌ର ଲିପ୍‌ଷ୍ଟିକ୍ ଲଗାଇବା ଏକ ଭଲ ଅପ୍ସନ। କିନ୍ତୁ ଏହାକୁ ଲଗାଇବା ପୂର୍ବରୁ ଓଠରେ ସାମାନ୍ୟ ଲିପ୍‌ବାମ୍ ଲଗାଇବାକୁ ଜମା ଭୁଲନ୍ତୁ ନାହିଁ। ତେବେ ଯେଉଁମାନଙ୍କର ଓଠ ଶୀଘ୍ର ଶୁଖିଯାଏ, ସେମାନେ ଏହି ଲିପ୍‌ଷ୍ଟିକ୍‌କୁ ବ୍ୟବହାର ନ କରିବା ଭଲ।





# ରହସ୍ୟମୟ ବିଭୋରତା କବି ମମତା

**ଜୀବନର ପ୍ରଚଣ୍ଡ ପ୍ରବାହକୁ ତାଙ୍କ କବିତା ଯେମିତି ତୋଳିନେବାକୁ ଚାହେଁ ଶବ୍ଦ ଓ ଛନ୍ଦ ମାଧ୍ୟମରେ। କବିତାରେ ମାଧ୍ୟମରେ ଜୀବନର ଲାଳିତ୍ୟ, କୋମଳତା, ସୌକୁମାର୍ଯ୍ୟ ଓ ମାଧୁର୍ଯ୍ୟର ପ୍ରତିଫଳନ ଘଟାଉଥିବା ଏହି କବି ହେଉଛନ୍ତି ମମତା ଦାଶ..**




କବିତାରେ ଜୀବନର ରହସ୍ୟ ଫୁଟାଉଥିବା ପୁଣି ଉତ୍ତରଣର ସମ୍ଭାବନା ପ୍ରକଟ କରୁଥିବା, ନିଜର ସ୍ୱଚ୍ଛନ୍ଦତାବାଦୀ ଆବେଗ ସହିତ ଆଧ୍ୟାତ୍ମିକ ଅନ୍ୱେଷଣର ମଧୁର ସମନ୍ୱୟ ଘଟାଉଥିବା ନିରନ୍ତର ଭାରତୀୟ ମୂଲ୍ୟବୋଧ ଆଲୋକରେ ନିଜ ସର୍ଜନାକୁ ବାଟ କଢ଼େଇ ନେଉଥିବା, ଗପ ଓ ଉପନ୍ୟାସରେ ନିବିଡ଼ ଲୋଡିବାପଣ ମାଧ୍ୟମରେ ଗତିଶୀଳତା ଫୁଟାଉଥିବା ପୁଣି ଦୃଶ୍ୟମାନ ଅନୁଭବର ଅନ୍ତରାଳରେ ଥିବା ସ୍ପନ୍ଦନକୁ ଖୋଜି ପାଉଥିବା ଜଣେ ସାଧିକା ହେଲେ ମମତା ଦାଶ।
୪ ଅକ୍ଟୋବର ୧୯୪୭ ଜଗତ୍‌ସିଂହପୁରଠାରେ ମମତାଙ୍କ ଜନ୍ମ। ବାପା ରାମଚନ୍ଦ୍ର ମହାପାତ୍ର ଓ ମା' ପଙ୍କଜବାଳା ମହାପାତ୍ର। କବିତା ରଚନା ଯେମିତି ତାଙ୍କ ରକ୍ତ ପ୍ରବାହ ସହ ଜଡ଼ିତ। ମୁଖ୍ୟତଃ କବି ଭାବରେ ପରିଚିତ ମମତା କବିତାରେ ଜୀବନର ଲାଳିତ୍ୟ, କୋମଳତା, ସୌକୁମାର୍ଯ୍ୟ ଓ ମାଧୁର୍ଯ୍ୟର ପ୍ରତିଫଳନ ଘଟାନ୍ତି। ଦୃଶ୍ୟମାନ ଜଗତର ସୀମାନ୍ତ ସେପାରେ ଥିବା ରହସ୍ୟ ପାଇଁ ମଧ୍ୟ ତାଙ୍କ ଭିତରର କବିସତ୍ତାର ଆକର୍ଷଣ ତୀବ୍ର। ଜୀବନର ପ୍ରଚଣ୍ଡ ପ୍ରବାହକୁ ତାଙ୍କ କବିତା ଯେମିତି ତୋଳିନେବାକୁ ଚାହେଁ ଶବ୍ଦ ଓ ଛନ୍ଦ ମାଧ୍ୟମରେ। ସେ ନିଜେ ପ୍ରଶିକ୍ଷଣପ୍ରାପ୍ତ ଗାୟିକା। ତେଣୁ ତାଙ୍କ କବିତାର ପୃଷ୍ଠଭୂମିରେ ସଙ୍ଗୀତର ଏକ ପ୍ରମୁଖ ଭୂମିକା ଥାଏ। କଥ୍ୟ ଅପେକ୍ଷା ସଙ୍ଗୀତମୟତା ତାଙ୍କ କବିତାର ଏକ ଆଚ୍ଛନ୍ନକାରୀ ଶକ୍ତି ।

ଅଳ୍ପ ଅନ୍ଧାର ଓ ସ୍ୱଳ୍ପ ଆଲୁଅର ଭୂଇଁ ଉପରୁ ତାଙ୍କ କାବ୍ୟସତ୍ତା ଉଜ୍ଜ୍ୱଳତାର ଉପାଦାନ ଖୋଜେ। ଅରଣ୍ୟ, ଉପବନ ଇତ୍ୟାଦି ତାଙ୍କ କବିତାରେ ପାଇଥାନ୍ତି ସ୍ୱତନ୍ତ୍ର ସ୍ଥାନ। ଏହା ପ୍ରମାଣିତ କରେ ରହସ୍ୟ ପ୍ରତି ତାଙ୍କର ଆକର୍ଷଣର ଦୁର୍ନିବାରତା। ସେ ସମୟ ଦେଇ ସମୟାତୀତ ଅନୁଭବରେ ପହଞ୍ଚିବାକୁ ଚଲେଇଥାନ୍ତି କାବ୍ୟିକ ଅଭିସାର ।

କବିତା ସଙ୍କଳନଗୁଡିକ ନୈମିଷାରଣ୍ୟ, ଏକତ୍ର ଚନ୍ଦ୍ର ସୂର୍ଯ୍ୟ, ଅବାକ୍ ସ୍ୱର୍ଗ, ଉଜ୍ଜ୍ୱଳ ଉପବନ, ନୀଳ ନିର୍ବାପନ, ହିରଣ୍ୟବର୍ଣ୍ଣା, ଶୁଭ୍ର ଧାରା, ମାୟାନ୍ଧକାର, ରାଗ ଲଳିତ (ପ୍ରେମ କବିତା ସଂକଳନ ), ଶୂନ୍ୟ ଚିତ୍ରାୟନ । ମମତା ଦାଶଙ୍କ କବିତା ସମଗ୍ର (ପ୍ରଥମ ଭାଗ) ପ୍ରକାଶିତ ହୋଇ ସାରି ପାଠକଙ୍କ ଆଦର ଲାଭ କରିସାରିଛି । ଗଳ୍ପ ସଂକଳନ ମଧ୍ୟରେ ଅନ୍ୟ ଜଗତର ସକାଳ, ଅନ୍ତରାଳର ଦୃଶ୍ୟ, ଅରୁନ୍ଧତୀର ସନ୍ଧ୍ୟା, ପଦ୍ମ ପୁରୁଷ









ଏବଂ ଉପନ୍ୟାସ 'କେହି ଜଣେ ବିଶାଖା' ତାଙ୍କ ସୁନ୍ଦର ଗଦ୍ୟରଚନାର ସାର୍ଥକ ଉଦାହରଣ ।) 'ଆମ ସାହିତ୍ୟରେ ଶ୍ରୀରାଧା ବିଳାସ', 'ଅତିକ୍ରମଣ ଭଳି' ଦୁଇଟି ପ୍ରବନ୍ଧ ପୁସ୍ତକ ମଧ୍ୟ ସେ ଭେଟି ଦେଇଛନ୍ତି ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟକୁ । ତାଙ୍କ ରଚିତ ଇଂଲିଶ ପୁସ୍ତିକା Makers of Indian litarature(Bhubaneswar Behera), A moment beyond time (Anthology of translated English poems) ତାଙ୍କ ସର୍ଜନାର ଆଉ ଏକ ପ୍ରସ୍ଥ ଦର୍ଶାଇଥାଏ । କେବଳ ସେତିକି ନୁହେଁ 'ଶ୍ରୀମାଙ୍କର ଏଜେଣ୍ଡା ତିନି ଭାଗ ସହିତ, ସତପ୍ରେମ ଓ ସୁଜାତା ନାହାର, ଦିଲୀପ ରାୟ, ରବୀନ୍ଦ୍ରନାଥ ଟାଗୋରଙ୍କର ପନ୍ଦର ଖଣ୍ଡ ବହି ଇଂଲିଶ ଓ ବଙ୍ଗଳାରୁ ଓଡ଼ିଆକୁ ଅନୁବାଦ କରିଛନ୍ତି ଓ ପ୍ରକାଶିତ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରଦତ୍ତ ତାମିଲ ଗଳ୍ପ ସଂକଳନର ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଛି। ସାହିତ୍ୟ କ୍ଷେତ୍ରକୁ ଅନନ୍ୟ ଅବଦାନ ପାଇଁ ସେ ପାଇଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ (୧୯୮୭) ପୁରସ୍କାର, ଝଙ୍କାର କବିତା ପୁରସ୍କାର, ଗଙ୍ଗାଧର ଫାଉଣ୍ଡେଶନର ଭାନୁଜୀ ରାଓ ପୁରସ୍କାର, ଭରତ ନାୟକ ସ୍ମୃତି ସମ୍ମାନ, ( ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଭାରତୀୟ ଭାଷା ପରିଷଦ କୃତିତ୍ୱ ସମଗ୍ର ପୁରସ୍କାର(କୋଲକାତା), ସଚ୍ଚି ରାଉତରାୟ ସମ୍ମାନ, ଲେଖକ ସାମ୍ମୁଖ୍ୟ ସମ୍ମାନ, ଧରିତ୍ରୀ ସମ୍ମାନ, ବର୍ଣ୍ଣମାଳା ସମ୍ମାନ, ଗୋକର୍ଣ୍ଣିକା ସମ୍ମାନ, ଜୀବନରଙ୍ଗ ସମ୍ମାନ, ଇସ୍ତାହାର ସମ୍ମାନ, ନୀଳକଇଁ ସମ୍ମାନ, ଚେତାବନୀ ସାଂସଦ ସମ୍ମାନ, କାଳିନ୍ଦୀ ଚରଣ ସ୍ମୃତି ସମ୍ମାନ, ଯୁଗଶ୍ରୀ ଯୁଗନାରୀ ସମ୍ମାନ । ଭାରତ ସରକାରଙ୍କ ସଂସ୍କୃତି ବିଭାଗରୁ ସିନିୟର ଫେଲୋଶିପ ପାଇ ଶ୍ରୀରାଧାଙ୍କର ପୌରାଣିକ, ଧାର୍ମିକ, ଆଧ୍ୟାତ୍ମିକ ଓ କାବ୍ୟିକ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଗବେଷଣା କରିଛନ୍ତି। ତାଙ୍କ ପ୍ରତିଭା ମୂଳତଃ ବହୁମୁଖୀ । ତାଙ୍କ କବିତା ପ୍ରତିକ୍ରିୟା ଅପେକ୍ଷା ଅନ୍ୱେଷଣ ଓ ଉପଲବ୍ଧିରେ ଅଧିକ ବିଶ୍ୱାସ ରଖେ । ତାଙ୍କ ସାହିତ୍ୟରେ ଏକ ନିର୍ଦ୍ଦିଷ୍ଟ ବର୍ଗର ପାଠକ ରହିଥାନ୍ତି । ଆଗକୁ ତାଙ୍କର ରଚନାମାନ ପାଠକଙ୍କୁ ଜୀବନର ସୂକ୍ଷ୍ମ ଅନୁଭବକୁ ଆପଣାଇବା ପାଇଁ ଅନୁପ୍ରେରିତ କରାଇବ ।

*–ମାନମୟୀ ରଥ*
*–ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*



# ନାରୀ - ଜନ୍ମ

ମୂଳ ବଙ୍ଗଳା : ତସଲିମା ନାସରିନ୍
ଅନୁବାଦ : ପ୍ରଦୀପ କୁମାର ରାୟ

ସେମାନଙ୍କ ପାଇଁ ମୋର କରୁଣା ହୁଏ
ଯେଉଁମାନେ ନାରୀ ନୁହଁନ୍ତି
ଦୁର୍ଭାଗାମାନଙ୍କ ପାଇଁ ମୋର ଦୁଃଖ ହୁଏ
ଯେଉଁମାନେ ନାରୀ ନୁହଁନ୍ତି ।

ଅବିଶ୍ୱାସ୍ୟ ଏହି ଶିଳ୍ପ, ଅତୁଳନୀୟ ଶିଳ୍ପ ଏହି ନାରୀ, ବିଶ୍ୱର ବିସ୍ମୟ, ବିଚିତ୍ରତା ।

ମୁଁ , ନାରୀ , ବାରମ୍ବାର ଚାହେଁ , ଶତବାର ଚାହେଁ ନାରୀ ହବାକୁ,
ନାରୀ ହୋଇ ଜନ୍ମ ହେବାକୁ । ସହସ୍ର ଜନ୍ମ ଚାହେଁ
ମୁଁ , ନାରୀ ଜନ୍ମ ଚାହେଁ ।
ନାରୀର ପ୍ରେମ ଚାହେଁ, ତା'ର କାମରେ ସ୍ନାନ ଚାହେଁ। ମୈଥୁନ ଚାହେଁ ।
ମୈଥୁନରେ ମୋହାଚ୍ଛନ୍ନ ହେଉ ହେଉ ପାଗଳୀ ପରି
ଚାହେଁ ଗୋଟିଏ ଶିଶୁ,
ମୋର ତୀବ୍ର ପ୍ରଚଣ୍ଡ ଚାହିଁବା
ତୀବ୍ରତର ହେଉଥାଏ
ଯେତେବେଳ ଯାଏଁ ମୋର ନାରୀ ଶରୀର ହିଁ ଶୁକ୍ରାଣୁର ଜନ୍ମ ନ ଦେଇଛି ।
ଗୋଟିଏ ଭ୍ରୁଣ ମୋର ଜରାୟୁରେ ।

ନାରୀ ଶିଶୁ ଜନ୍ମ ଦେବି ମୁହିଁ , ମୁଁ ନାରୀ,
ଜନ୍ମଦେବି ନାରୀ – ଶିଶୁ ।
ମୁଁ ଭଲପାଏ ସର୍ବଦର୍ଶୀ , ସର୍ବମୟୀ ସର୍ବବ୍ୟାପିନୀ
ଶାଶ୍ୱତୀ ନାରୀଶକ୍ତି । ଭଲପାଉଛି ନାରୀ ଶିଶୁ ,
କିଶୋରୀ, ତରୁଣୀ , ଯୁବତୀ , ବୃଦ୍ଧା ।
ହିରଣ୍ମୟୀ , ଇଚ୍ଛାମୟୀ , ପ୍ରାଣବତୀ , ହୃଦୟବତୀ । ଆବର୍ତ୍ତିତ ହେଉ ହେଉ ବିବର୍ତ୍ତିତ ,
ହେଉ ହେଉ ସାମ୍ରାଜ୍ଞୀ,
ହେଉ ହେଉ ସମଗ୍ର ବ୍ରହ୍ମାଣ୍ଡ ର ଈଶ୍ୱରୀ ହେଉଛି ।

ଭଲପାଉଛି ମୋତେ
ନାରୀକୁ
ନାରୀ ଜନ୍ମକୁ ।

– କୁଚିଣ୍ଡା, ସମ୍ବଲପୁର
ମୋ:୯୪୩୭୫୩୪୭୭୩

--------------

( କିଛୁକ୍ଷଣ ଥାକୋ କାବ୍ୟ ସଂକଳନ ରୁ )

# କ୍ଷୋଭ

– ଜ୍ୟୋର୍ତିମୟୀ ସାହୁ

ମୁଁ ଚିତ୍କାର କରିବି ଯେଉଁଠି,
ଭାଗ୍ୟ କି ରହିବ ସେଇଠି ?
ଠିଆ ହେବ କି ବିଭେଦର କାରକସବୁ
ଚେତିବ କି ଜନତା,
ଚେତିବ କି ଚେତନା ?
ମିଶେଇବ କି ମୋର ସ୍ୱର ସହ ଏ ବିଶ୍ୱ,
ଦେବ କି ନିଜ ଚିତ୍କାରକୁ ମୋ ସହ ଏକାକାର କରି,
ହେବା ପାଇଁ ସୁରକ୍ଷାର ଏକ ଅଭେଦ୍ୟ ବଳୟ ?

କ'ଣ ନାରୀ ପାଇଁ କେବଳ
ନାରୀଟିଏ ହିଁ ଚିତ୍କାରୀ ଉଠିବ ?
କାହିଁକି ପ୍ରଶ୍ନ କେବଳ ନାରୀକୁ ?
ସେ ଚୁପ୍ ଅଛି ବୋଲି !
କାହିଁକି ଏ ବିଶ୍ୱ କାହା ପ୍ରତୀକ୍ଷାରେ
ନିଜକୁ ଅଟକାଇ ରଖିଛି ?
ନା ଏ ଷଡଯନ୍ତ୍ରର ପଶାପାଲି ମେଲେଇ ବସିଛି !
ସମୂଳେ ନାଶିବାର ପ୍ରୟାସ ଯେଉଁଠି ସେ କରୁଛି,
ସେଇଠି କି ସେ ତା'ର ମୃତ୍ୟୁ ଲେଖିଛି !!

*–ପ୍ରତିଷ୍ଠାତା ତଥା ସଂପାଦିକା, ସୃଷ୍ଟି ପତ୍ରିକା*
*ମୋ: ୭୯୭୮୦୪୯୭୦୫*

# ମମତା

–ସୁନିତା ପ୍ରଧାନ

ଦିନେ ନାହିଁ ଅଧେ ନାହିଁ, ପୁରା ଦଶମାସ ଦଶଦିନ ନିଜ ଗର୍ଭରେ ଛୁଆଟିକୁ ଧରି ଥିଲା ମାଳା । ପ୍ରତି ମୁହୂର୍ତ୍ତରେ ଛୁଆର ଅସ୍ତିତ୍ୱକୁ ମନ ଭରି ଅନୁଭବ କରୁଥିଲା ସେ । ଛୁଆର ପେଟରେ ଘୁରି ବୁଲିବା, ଗୋଇଠା ମାରିବାରେ ବିଭୋର ହେଇଯାଉଥିଲା । ଦୀର୍ଘ ତିନି ଘଣ୍ଟାର ପ୍ରସବ ବେଦନା ସହି ଅନ୍ତ ଫାଡି ଜନ୍ମ ଦେଇଥିଲା ପୁତ୍ର ସନ୍ତାନଟିକୁ ।।

ଆଜି କିନ୍ତୁ...... ନିଜ ଜନ୍ମ କଲା ଛୁଆଟିକୁ ଆଉ କାହା ହାତକୁ ଟେକି ଦେବାକୁ କାହିଁକି କେଜାଣି ହାତଟା ଥରି ଉଠୁଥିଲା ! ତଥାପି ଛୁଆଟିକୁ ମିସେସ୍ ଦାସଙ୍କ ହାତକୁ ଟେକି ଦେବା ପୂର୍ବରୁ ସେ ଶେଷ ଥର ପାଇଁ ଛୁଆଟିକୁ ଛାତିରେ ଜୋର୍‌ରେ ଚାପି ଧରି ବୋକ ପରେ ବୋକ ଦେଉଥିଲା ମାଳା ! ଗରୀବି କଣ ମାଆର ମମତାକୁ ଅନୁଭବ କରିପାରେନି ? ମାଆ ହୋଇ ଛାତିରୁ ଅମୃତ ନିଗାଡି ଛୁଆକୁ ଆକଣ୍ଠ ଦୁଗ୍ଧ ପାନ କରେଇ ପାରେନି ? ତା'ହେଲେ ଏମିତି କେମିତି ନିଜ ଠାରୁ ଅଲଗା କରିପାରିବ ଭଲା !

ପିଲାଟି ପ୍ରତି ମାଳାର ଏ ମମତ୍ୱ ମିସେସ୍ ଦାସ ବୁଝିପାରୁଥିଲେ । ତଥାପି କହିଲେ , କଣ ମାଳା ଛୁଆକୁ ଦେଖିବା ପରେ ତୁ ମୋତେ ଆଉ ଭୁଲି ଯାଉନୁ ତ ? ? ଛଳ ଛଳ ଆଖିରେ , ଥର ଥର କଣ୍ଠରେ ଉତ୍ତର ଦେଲା ମାଳା ----


---ନାଁ ମାଆ ଭୁଲିନି ।

---କେମିତି ଭୁଲିବି ଯେ ? ମୋ ଅକର୍ମଣ୍ୟ ସ୍ୱାମୀ, ତିନି ତିନିଟି ବାଳୁତ ଛୁଆଙ୍କ ମୁହଁରେ ମୁଠାଏ ଆହାର ଦେବା ପାଇଁ ମୋ ଗର୍ଭକୁ ତୁମେ ଭଡ଼ାରେ ନେଇଛ ମାଆ । ତୁମେ ମାଆ ଦେଖେଇଥିଲ ଗଢ଼ା ହୋଇଥିବା କୋଠା ଘରକୁ ଏବଂ କହିଥିଲ, କେତେ ମୂଲିଆ ମିସ୍ତ୍ରୀ ନିଜ ଦେହର ଝାଳ ବୁହାଇ ଖଟୁଛନ୍ତି । ଦିନ ରାତି ନିଜ ସ୍ୱେଦ, ରକ୍ତକୁ ଏକ କରି ଯାକୁ ଗଢନ୍ତି । କିନ୍ତୁ କୋଠା ନିର୍ମାଣ କାମ ସରିବା ପରେ, ସେମାନଙ୍କର ଏହି କୋଠା ଉପରେ କୌଣସି ଅଧିକାର ରୁହେ ନାହିଁ । ଘର ତିଆରି ହେଉ ନଥିଲେ କାମକୁ ଆସନ୍ତେ କେମିତି !


–ବୁଝିଛି ମାଆ । ସେହି ଘର ଆଉ ମୂଲିଆଙ୍କ ମଧ୍ୟରେ ସମ୍ପର୍କ ଯେମିତି, ଏ ଛୁଆ ଆଉ ମୋର ସମ୍ପର୍କ ଠିକ୍ ସେମିତି ।

ଏତିକି କହି ମାଳା ଲୁହ ଡବ ଡବ ଆଖିରେ ମିସେସ୍ ଦାସଙ୍କ ହାତକୁ ବଢେଇଦେଲା ଛୁଆକୁ .... । ହେଲେ ତା'ର ଅଜାଣତରେ ଆଖି କୋଣରୁ ନିଗିଡ଼ି ପଡୁଥିଲା ଥପ ଥପ ହୋଇ ଲୁହ । ତିନି ତିନିଟା ଛୁଆଙ୍କୁ ଭଲରେ ଗଣ୍ଡେ ଖାଇବା ଯୋଗାଡି ଦେଇଥିବା ମିସେସ୍ ଦାସ ଗୋଟେ ଛୁଆକୁ ମାଆ ହୋଇ କେତେ ଭଲରେ ରଖିବେ ଭାବି ଲୁହ ପୋଛି ବସିଲା ସେ ।

*–ଲକ୍ଷ୍ମୀପୁର, କୋରାପୁଟ*
*ମୋ: ୭୭୪୯୮୫୦୫୭୫*







# ସବୁକିଛି ଝିଅ ପାଇଁ

ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ହଲିଉଡ୍‌ରେ ସୁଯୋଗ ପାଇବା ପରଠାରୁ ହିନ୍ଦୀ ସିନେମାରେ ସେ ବିଶେଷ ଦେଖିବାକୁ ମିଳୁ ନ ଥିଲେ। ଯା ମଧ୍ୟରେ ସେ ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘର ସଂସାର କରିସାରିଛନ୍ତି। କେତୋଟି ହଲିଉଡ୍ ପ୍ରୋଜେକ୍ଟ ପାଇଁ ବ୍ୟସ୍ତ ବି ଅଛନ୍ତି। ତଥାପି ସେ ସମୟ ବାହାର କରି ଜୋୟା ଅଖତର୍‌ଙ୍କ 'ଜି ଲେ ଜରା' ଚଳଚ୍ଚିତ୍ରରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଏଥିରେ ଆଲିୟା ଭଟ୍ଟ ଓ କ୍ୟାଟ୍ରିନା କୈଫଙ୍କ ସହ ପ୍ରିୟଙ୍କାକୁ ଦର୍ଶକମାନେ ଦେଖିବାକୁ ପାଇଥାନ୍ତେ। ଖବରଟି ଶୁଣିବା ପରେ ତାଙ୍କ ଫ୍ୟାନ୍‌ମାନେ ବହୁତ ଖୁସି ହୋଇଯାଇଥିଲେ। ଚଳଚ୍ଚିତ୍ରଟିର ଶୁଟିଂ ଚଳିତ ବର୍ଷ ଶେଷ ଆଡକୁ ଆରମ୍ଭ ହୋଇଥାନ୍ତା। ହେଲେ ଏକଥା ସମସ୍ତେ ଜାଣନ୍ତି ଯେ, ନିକଟରେ ପ୍ରିୟଙ୍କା ଓ ନିକ୍ ସରୋଗେସୀ ମାଧ୍ୟମରେ ମା'ବାପା ହୋଇଛନ୍ତି। ତାଙ୍କର ଏକ ଝିଅ ହୋଇଛି। ପ୍ରିୟଙ୍କା ନିଜର କୁନି ଝିଅକୁ ସମୟ ଦେବା ପାଇଁ ଏହି ଚଳଚ୍ଚିତ୍ରରେ ଅଭିନୟ କରିବେ ନାହିଁ ବୋଲି ଜଣାଇ ଦେଇଥିବା କୁହାଯାଉଛି। ସେଥିପାଇଁ ଚଳଚ୍ଚିତ୍ରର ପ୍ରଯୋଜକ ଫରହାନ ଅଖତର୍ ଓ ରିତେଶ ସିଧ୍ୱାନି ପ୍ରିୟଙ୍କାଙ୍କୁ ରିପ୍ଲେସ୍ କରିବା ଲାଗି ଅଭିନେତ୍ରୀ ଖୋଜିବାରେ ଲାଗିଛନ୍ତି।


ପ୍ରିୟଙ୍କା ଚୋପ୍ରା

# ନାମକରଣ ଅନ୍ତରାଳେ..

ଥରେ ମନେ ପକାନ୍ତୁ ନା 'ମୋହରା' ଫିଲ୍ମର ସେହି ସୁପରହିଟ୍ ଗୀତ 'ତୁ ଚିଜ୍ ବଡି ହୈ ମସ୍ତ ମସ୍ତ'କୁ। ଏଥିରେ ଅକ୍ଷୟ କୁମାରଙ୍କ ସହ ରବିନା ଟଣ୍ଡନଙ୍କ ଡ୍ୟାନ୍ସ ଦର୍ଶକଙ୍କୁ ମତୁଆଲା କରିଦେଇଥିଲା। ଏବେ ମଧ୍ୟ ଏହି ଗୀତର ଚାହିଦା କେତେ ରହିଛି ତାହା କହିବା ଅନାବଶ୍ୟକ। ରବୀନା ତ ଏହାପରେ ମସ୍ତ ମସ୍ତ ଗର୍ଲଭାବେ ପରିଚିତ ହେଲେ। ତେବେ ତାଙ୍କ ପ୍ରକୃତ ନାମ 'ରବୀନା'ର ନାମ କରଣ ପଛରେ ରହିଛି ଏକ ମଜାଦାର କଥା। ତାଙ୍କର ବାପାଙ୍କ ନାମ ରବି ଏବଂ ମା'ଙ୍କ ନାମ ବୀଣା। ତେଣୁ ଏହି ନାମ ଦ୍ୱୟର ସମିଶ୍ରଣରେ ତାଙ୍କର ନାମ ରବିନା ରଖାଯାଇଥିଲା। ତାଙ୍କୁ ସମସ୍ତେ ଗେହ୍ଲାରେ ମାମୁନ୍ ବୋଲି ଡାକନ୍ତି। ପିଲାଟି ଦିନରୁ ତାଙ୍କର ଅଭିନୟ ପ୍ରତି ରୁଚି ଥିଲା। ରବିନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ପଥର କେ ଫୁଲ୍'। ଏହି ଫିଲ୍ମରେ ସେ ସଲମାନଙ୍କ ନାୟିକା ସାଜିଥିଲେ। ୧୯୯୦ରେ ସେ ଏକାଥରେ ୪-୫ଟି ଫିଲ୍ମର କାମରେ ବ୍ୟସ୍ତ ଥିଲେ। ପରବର୍ତ୍ତୀ ସମୟରେ ସେ ନିଜର ମନୋଭାବରେ ପରିବର୍ତ୍ତନ ଆଣି ଫିଲ୍ମ ସାଇନ୍ କରିବା ସଂଖ୍ୟାକୁ ସୀମିତ କରିଦେଇଥିଲେ। ଅଜୟ ଦେବଗନଙ୍କ ସହ ସେ ଏକା କଲେଜରେ ପଢୁଥିଲେ। 'ମୋହରା' ହିଟ୍ ସାବ୍ୟସ୍ତ ହେବା ପରେ ତାଙ୍କର ଡିମାଣ୍ଡ ଆହୁରି ବଢିଯାଇଥିଲା। ବର୍ତ୍ତମାନ ରବିନା 'ଘୁଡଚଢି' ନାମକ ସିନେମାରେ ସଞ୍ଜୟ ଦତ୍ତଙ୍କ ଅପୋଜିଟ୍‌ରେ ଅଭିନୟ କରୁଛନ୍ତି।


ରବିନା ଟଣ୍ଡନ

# ରଣବୀର ହିଁ ବେଷ୍ଟ

ରଣବୀର କପୁର ଏବଂ ବାଣୀ କପୁର ଅଭିନୀତ 'ଶମଶେରା' ଚଳିତ ମାସ ୧୮ରେ ପରଦା ଉପରକୁ ଆସିବ। ଏ ନେଇ ବାଣୀଙ୍କ ଖୁସି କହିଲେ ନ ସରେ। ଗୋଟିଏ ପଟେ ସେ ଏହି ଫିଲ୍ମର ସଫଳତାକୁ ନେଇ ଆଶାବାଦୀ ପୁଣି ଏଥିରେ ରଣବୀରଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରିବାକୁ ପଛାଉ ନାହାନ୍ତି। ଏ ନେଇ ବାଣୀ କହନ୍ତି, 'ମୋ ମତରେ ଏପରି ଭୂମିକା ପାଇଁ କେବଳ ରଣବୀର ହିଁ ଫିଟ୍। ଏଥିରେ ଅନେକ ଶଟ୍‌କୁ ସେ ଏକାଥରେ ଓକେ କରିଥିବାର ମୁଁ ଦେଖିଛି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ଏହାର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଫିଲ୍ମର କାହାଣୀରେ ଆକ୍ସନ ଭରି ରହିଛି। ରଣବୀର ଏବଂ ବାଣୀଙ୍କ ବ୍ୟତୀତ ଏଥିରେ ସଞ୍ଜୟ ଦତ୍ତ, ଆଶୁତୋଷ ରାଣା, ସୌରଭ ଶୁକ୍ଳା ଏବଂ ରୋନିତ ରୟ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଜୟ-ଅତୁଲ ମିଥୁନ୍। ତେବେ ଏହି ଫିଲ୍ମରେ ରଣବୀର-ବାଣୀ ଯୋଡି କି କମାଲ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।


କଙ୍ଗନା


ବାଣୀ କପୁର

# ଦୋଛକିରେ ଜାହ୍ନବୀ

ଷ୍ଟାର କିଡ୍ ଜାହ୍ନବୀ କପୁର ଏବେ ଦୋଛକିରେ ପଡ଼ିଯାଇଛନ୍ତି। କାରଣ ଏକ ନୂଆ ପ୍ରୋଜେକ୍ଟ ତାଙ୍କର ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏହି ଫିଲ୍ମରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ, ଯାହାକୁ ନେଇ ଟେନ୍‌ସନ୍‌ରେ ଅଛନ୍ତି ସେ। ଅନ୍ୟପକ୍ଷରେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜର ଭୂମିକାକୁ ନେଇ ବେଶ୍ ଖୁସି ଅଛନ୍ତି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ। ସେ ନେଇ ମୁଁ ଟିକେ ଟେନ୍‌ସନ୍‌ରେ ଅଛି। ସେପଟେ ଏଥିରେ ମୋତେ ମିଳିଥିବା ଭୂମିକା ମୋ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେବ ବୋଲି ଆଶା ରଖିଛି। ଗୋଟିଏ କଥା, ମୁଁ ସବୁବେଳେ ମୋ କ୍ୟାରିୟରକୁ ନେଇ ସଚେତନ ଥାଏ। ସାଇନ୍ କରିବା ପୂର୍ବରୁ ପ୍ରତିଟି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବିଷୟରେ ଭଲ ଭାବରେ ତର୍ଜମା କରେ। କାରଣ ମୁଁ ଜାଣିଛି ସାମାନ୍ୟ ଭୁଲ ପାଇଁ ମୋତେ ପରେ ହୁଏତ ପସ୍ତେଇବାକୁ ପଡିପାରେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ପାପା (ବୋନି କପୁର)ଙ୍କ ସହ ଆଲୋଚନା କରେ। ମାମାଙ୍କ ପରଲୋକ ପରେ ସେ ଏବେ ମୋ ପାଖରେ ଛାଇ ହୋଇ ରହୁଛନ୍ତି। ତାଙ୍କର ପ୍ରତିଟି ଟିପ୍ସ ମୋ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏବେ ତ ମୋତେ କିଛି ଦିନ ଶୁଟିଂରୁ ବ୍ରେକ୍ ମିଳିଛି। ତେଣୁ ଏହି ସମୟରେ ମୁଁ ଗାର୍ଡେନିଂରେ ମନୋନିବେଶ କରିଛି। ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। ଗାର୍ଡେନରେ ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ସୋସିଆଲ ମିଡିଆରେ ନିଜକୁ ବ୍ୟସ୍ତ ରଖୁଛନ୍ତି ଜାହ୍ନବୀ। ସେ ଅପଲୋଡ୍ କରିଥିବା କେତୋଟି ଫଟୋ ନିକଟରେ ବେଶ୍ ଭାଇରାଲ ହୋଇଛି। ଏବେ ଜାହ୍ନବୀଙ୍କ ହାତରେ ୨-୩ଟି ଅଫର ରହିଛି। ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି ଏହି ଅଭିନେତ୍ରୀ।


ଜାହ୍ନବୀ କପୁର

# ପୁଣି ଥରେ ବାୟୋପିକ୍

ଆମୀର ଖାଁ ପୁଣି ଥରେ ଏକ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମର ଟାଇଟଲ ରହିଛି 'ମୁଗଲ୍'। ଏଥିରେ କିଏ ନାୟକ ଭୂମିକାରେ ଅଭିନୟ କରିବ ସେ ନେଇ ଟେନସନ୍‌ରେ ଥିଲେ ପ୍ରଯୋଜକ ଭୂଷଣ କୁମାର। ଏ ନେଇ ଚିନ୍ତା କରିବା ସମୟରେ ଆମୀରଙ୍କ କଥା ତାଙ୍କ ମନକୁ ଆସିଥିଲା। ବିଳମ୍ବ ନ କରି ସେ ତାଙ୍କୁ ଯୋଗାଯୋଗ କରିଥିଲେ। ଫିଲ୍ମର କାହାଣୀ, ଭୂମିକା ଏବଂ ଅନ୍ୟାନ୍ୟ ବିଷୟରେ କଥା ହେବା ପରେ ଆମୀର ଏଥିରେ ଅଭିନୟ କରିବେ ବୋଲି ରାଜି ହୋଇଥିଲେ। ଏ ନେଇ ଆମୀର କହନ୍ତି, ' ମ୍ୟୁଜିକ ଜଗତର ବାଦଶାହା ତଥା ଟି-ସିରିଜ ମ୍ୟୁଜିକ କମ୍ପାନୀର ମାଲିକ ଗୁଲସନ କୁମାରଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ନିର୍ମିତ ହେବ।' ଅନ୍ୟପକ୍ଷରେ ଭୂଷଣ କୁମାର କହିଛନ୍ତି ଯେ, 'ଲାଲ୍ ସିଂ ଚଡ଼ା' ଶେଷ ହେବା ପରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ।' ଏଥିରେ ଗୁଲସନ କୁମାର ଭୂମିକାରେ ଆମୀର ଅଭିନୟ କରିବେ ଏବଂ ଦାଉଦ ଇବ୍ରାହିମ୍ ରୋଲ୍‌ରେ ଗୁଲସନ ଗ୍ରୋଭରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ସୁବାସ କପୁର। ଏହାପୂର୍ବରୁ ଭୂଷଣ କୁମାର 'ସତ୍ୟମେବ ଜୟତେ', 'ରାଧେ ଶ୍ୟାମ' ଏବଂ 'ଅତରଙ୍ଗୀ ରେ' ଆଦି ହିଟ୍ ସିନେମାର ପ୍ରଯୋଜନା କରିସାରିଛନ୍ତି।


ଆମୀର ଖାଁ

# ମେ'କୁ ଅପେକ୍ଷା

ଯାହାହେଉ ଯେଉଁଥିପାଇଁ କଙ୍ଗନା ଟେନସନରେ ଥିଲେ ତାହା ଫାଇନାଲ ହୋଇଛି। କଥା କ'ଣ କି ଆକ୍ସନ-ପ୍ୟାକଡ 'ଧାକଡ୍' କେବେ ରିଲିଜ ହେବ ସେ ନେଇ ଅନିଶ୍ଚିନ୍ତତା ଲାଗି ରହିଥିଲା। ଶେଷରେ ଏହି ଫିଲ୍ମଟି ଚଳିତ ବର୍ଷ ମେ' ୨୭ରେ ପରଦା ଉପକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମରେ କଙ୍ଗନାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ଭୂମିକାଟି ହେଲା 'ଏଜେଣ୍ଟ ଅଗ୍ନି'। ଏ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମରେ ମୋ ଭୂମିକା ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା ରଖିଛି। ଏଥିରେ କେବଳ ଆକ୍ସନ ହିଁ ଆକ୍ସନ ଭରି ରହିଛି। ତା'ସହ ଏପରି ରୋଲ୍‌କୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି।' ଫିଲ୍ମଟି ଗତ ବର୍ଷ ଅକ୍ଟୋବର ୧ରେ ରିଲିଜ ହୋଇଥାଆନ୍ତା। ହେଲେ କରୋନା ପାଇଁ ତାହା ସମ୍ଭବ ହୋଇ ନ ଥିଲା। ସୋହେଲ ମକଲାଇ ଓ ଦୀପକ ମୁକୁଟଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରଜନୀଶ ଘାଇ।

# ବିଶ୍ୱନାଥ

ସତରେ ସମୟ ବଡ ବଳବାନ୍। ତାହା କେତେବେଳେ ମଣିଷକୁ ଆଣି କେଉଁଠି ଠିଆ କରିଦିଏ ତାହା କଳ୍ପନା କରିବା ଅସମ୍ଭବ। ସମୟ ଚକ୍ରରେ ପଡି ଜଣେ ଅନାଥ ଯୁବକ ସହରରୁ ଗୋଟିଏ ଗାଁକୁ ଫେରିଛି। ହେଲେ ସେ ଜାଣିନି ଯେ ଏହି ଗାଁ ହେଉଛି ତାହାର ଜନ୍ମଭୂମି। ତାହାର କିଛି ଦୋଷ ଥିବାରୁ ତାକୁ ସହରରେ ଛାଡି ଦିଆଯାଇଥିଲା। ନିଜ ଗାଁକୁ ଫେରି ଆସିଥିବା ଜଣେ ଯୁବକ କେତେକ ପରିସ୍ଥିତିର ସାମନା କରୁଛି। ତାହାକୁ ସେ ମୁକାବିଲା କରୁଛି ନା, ପୁଣି ଥରେ ଗାଁରୁ ଫେରିଯାଉଛି ତାହାର ଉତ୍ତର ରହିଛି କାହାଣୀରେ। ଏପରି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବିଶ୍ୱନାଥ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ। ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ସମ୍ଭାବନା ମହାନ୍ତି। ଏଚଏମଟି ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦିନ୍ଦୁ ଶେଖର ଗୌଡ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବବ୍‌ବିଲି କିରନ୍। ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ସମ୍ବିତ-ସମ୍ଭାବନାଙ୍କ ବ୍ୟତୀତ ମିହିର ଦାସ, ରାଇମୋହନ, ପୃଥ୍ୱୀରାଜ, ସଲିଲ ମିତ୍ର, ମନୀଷା ମିଶ୍ର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଏହାର ଗୀତଗୁଡିକର ଶୁଟିଂ ଗୋଆରେ କରାଯାଇଛି। ଅନ୍ୟପକ୍ଷରେ ଏପରି ଏକ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସମ୍ବିତ।


'ବିଶ୍ୱନାଥ' ଚଳଚ୍ଚିତ୍ରରେ ସମ୍ଭାବନା-ସମ୍ବିତ

ପ୍ରଥମ ରୋଜଗାର



# ପ୍ରଥମ ପାରିଶ୍ରମିକ ଟଙ୍କା ମା'ବାପାଙ୍କୁ ଦେଇଥିଲି

**ଲେଖିକା ତଥା ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

୧୯୯୨ ମସିହାର କଥା, ସେତେବେଳେ ମୁଁ ଜୟପୁର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର କଳା ଛାତ୍ରୀ। ସେବେ ଜୟପୁର ଆକାଶବାଣୀ କେନ୍ଦ୍ରର ଯୁବବାଣୀ କାର୍ଯ୍ୟକ୍ରମରେ ପ୍ରସାରିତ କରିବା ପାଇଁ ରଘୁଭାଇ ମୋର ୩/୪ଟି କବିତାର ହାର୍ଡକପି ନେଇଥିଲେ। ନିର୍ଦ୍ଧାରିତ ସମୟ ଆସିବାରୁ ରେକର୍ଡିଂ ପାଇଁ ରେଡିଓ ଷ୍ଟେଶନ ତରଫରୁ ମୋତେ ଡାକିଲେ। ଖୁସି ଯେତିକି ହେଉଥିଲି ଭୟ ବି ସେତିକି କରୁଥିଲି। କାରଣ ସେତେବେଳେ ରେଡିଓର ମହତ୍ତ୍ୱ ଟିଭିଠୁ ଶହେ ଗୁଣ ଅଧିକ ଥିଲା। ତେବେ ସେ ଯାହା ବି ହେଉ ଭଲରେ ଭଲରେ ରେକର୍ଡିଂ ସରିଗଲା। ହେଲେ ମୁଁ ଜାଣି ନ ଥିଲି ଯେ, କବିତା, ଗଳ୍ପ ପାଇଁ ପଇସା ମିଳେ; ତେଣୁ ରେକର୍ଡିଂ ଶେଷ ହେବା ପରେ ଯେବେ ମୋ ନାଁରେ ଦୁଇଶହ ଟଙ୍କାର ଚେକ୍ ମିଳିଲା ମୋତେ ବହୁତ ଖୁସି ଲାଗିଥିଲା। ଚେକ୍‌ଟିକୁ ଆଣି ମା'ବାପାଙ୍କୁ ଦେଲି, ସେମାନେ ବହୁତ ଖୁସି ହେଲେ। ଏପରିକି ବାପା ତାଙ୍କ ଡାଏରୀରେ ବି ଲେଖିଲେ ଯେ, ଜେଜେମା' ଜେଜେବାପାଙ୍କ କଳା ମୋ ଭିତରେ ଅଛି ବୋଲି। ତା'ପରେ ବାପା ମୋତେ ନେଇ ଷ୍ଟେଟ ବ୍ୟାଙ୍କ୍ ଗଲେ ଆଉ ଚେକ୍‌ଟିକୁ ଭଙ୍ଗାଇ ମୋ ନାଁରେ ଆକାଉଣ୍ଟ ଖୋଲି ସେଥିରେ ଟଙ୍କାତକ ଜମା କରିଦେଲେ। ତା'ପରଠୁ ପ୍ରତି ୨/୩ ମାସ ଅନ୍ତରାଳରେ ମୋର ଗଳ୍ପ, କବିତା ପ୍ରସାରିତ ହେଲା। ଏପରିକି ଯୁବବାଣୀରେ ପ୍ରସାରିତ ଅନେକ ନାଟକରେ ମୁଖ୍ୟ ନାୟିକା ହୋଇ ମୁଁ ସ୍ୱର ବି ଦେଲି। ଆଉ ସେ ବାବଦରେ ଯେଉଁ ଚେକ୍ ପାଉଥିଲି ସେ ସବୁକୁ ଭଙ୍ଗେଇ ବାପା ମୋ ଆକାଉଣ୍ଟରେ ରଖି ଦେଉଥିଲେ। ବାପା ପିଆର୍ ଡିପାର୍ଟମେଣ୍ଟରେ ଆର.ଓ. ଥିଲେ। ୧୯୯୧ରେ ଅବସର ନେଇ ସାରିଥିଲେ ହେଁ ରେଡିଓରେ ତାଙ୍କ ପ୍ରିୟ କାର୍ଯ୍ୟକ୍ରମ ପଲ୍ଲୀଶ୍ରୋତା ମଣ୍ଡଳୀ ସବୁବେଳେ ଶୁଣୁଥିଲେ, ତା' ସହିତ ମୋ ପ୍ରୋଗ୍ରାମ ବି ଶୁଣିବାକୁ ଭୁଲୁ ନ ଥିଲେ। ଅନ୍ୟପକ୍ଷେ ମା' ବି ସାହି ପଡ଼ିଶାଙ୍କୁ କହୁଥିଲେ ମୋ ପ୍ରୋଗ୍ରାମ ଶୁଣିବାକୁ। ସେମାନେ ସର୍ବଦା ମୋତେ ଉତ୍ସାହିତ କରୁଥିଲେ ଭଲ ଲେଖିବାକୁ। ସେତେବେଳେ ମାଲକାନଗିରି ଜିଲାର ଗୋବିନ୍ଦପାଲ୍ଲୀରେ ଆମର ଜାଗାଟିଏ ଥିଲା। ବାପା ଅବସର ନେଲା ପରେ ଗାଁର ଶାନ୍ତ ବାତାବରଣରେ ରହିବାକୁ ପସନ୍ଦ କରି ସେଠାରେ ଛୋଟ ଘରଟିଏ ତୋଳିଲେ; ଯେଉଁଠିକୁ ଆମେ ଛୁଟିରେ ଯାଉଥିଲୁ। କିଛିଦିନ ପରେ ସେଠାରେ ମୋର ଜମା ହୋଇଥିବା ଟଙ୍କାରେ ବାପା ଆଉ କିଛି ଟଙ୍କା ମିଶାଇ ପ୍ରଥମ କରି ଏକ ଜମି ଧରିଲେ ଏବଂ ମୋ ନାଁରେ ଗୋଟିଏ ଗାଈଟିଏ ମଧ୍ୟ କିଣିଥିଲେ। ଆଶ୍ଚର୍ଯ୍ୟର କଥା, ସେଇ ଗୋଟିଏ ଗାଈ ଆମ ପାଇଁ ଏତେ ଲକି ହେଲା ଯେ, ଧୀରେ ଧୀରେ ଦୁଇଟି ଗାଈ, ଦୁଇଟି ବଳଦ ଏବଂ ଦୁଇଟି ମଇଁଷି ହୋଇ ଆମ ଗୋରୁଶାଳା ଭର୍ତ୍ତି ହୋଇଗଲା। ମା'ବାପା କହୁଥିଲେ ମୋ ନାଁରେ ଭଲ ଶୁଝୁଛି ବୋଲି। ଏମିତିରେ ଗ୍ରାଜୁଏଶନ୍ ସରିବା ପରେ ମୁଁ ଗୋବିନ୍ଦପାଲ୍ଲୀରେ ନୂଆ କରି ଖୋଲିଥିବା ଏକ ଇଂଲିଶ ମିଡିୟମ୍ ସ୍କୁଲରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରିବା ପାଇଁ ଅର୍ଗାନାଇଜର୍ ମୁନା ସାର୍ ଅନୁରୋଧ କରିବାରୁ ମୁଁ ସେଠାରେ ପିଲାଙ୍କୁ ପଢେଇବାକୁ ଲାଗିଲି। ସେଠାରୁ ଯେଉଁ ସ୍ୱଳ୍ପ ଦରମା ପାଉଥିଲି ସେଥିରେ ମା'ବାପାଙ୍କ ପାଇଁ ଲୁଗା ଖଣ୍ଡେ କି ଧୋତି ଖଣ୍ଡେ କିଣି ଆଣିଲେ ସମୟ ଅସମୟରେ ଘରକୁ ଆସୁଥିବା ଅତିଥିଙ୍କ ମାନ ମର୍ଯ୍ୟାଦାରେ ତାହା ଲାଗିଯାଉଥିଲା। ମୁଁ କିଛି କହିବା ଆଗରୁ ଗେଲରେ ସେମାନେ ମୋ ମୁଣ୍ଡକୁ ଏପରି ଆଉଁଶି ଦେଉଥିଲେ ଯେ, ସେଥିରେ ତାଙ୍କର ଖୁସି କେତେ ବାରି ହୋଇପଡୁଥିଲା। ହେଲେ ଆଜି ଆଉ ସେମାନେ ନାହାନ୍ତି। ଇଚ୍ଛା ଥିଲା ମୋ ରୋଜଗାରରେ ମା'ପାଇଁ ସୁନାମୁଦିଟିଏ କିଣିବାକୁ କିନ୍ତୁ କରିପାରିଲି ନାହିଁ। ସେ ହଠାତ୍ ଚାଲିଗଲେ। ମୋ ଇଚ୍ଛା ଇଚ୍ଛାରେ ହିଁ ରହିଗଲା। ବାପା ବି ଅତି ସାଦାସିଧା ଗାନ୍ଧିବାଦୀ ମଣିଷ ଥିଲେ। ଧଳା ଶାର୍ଟ, ଖାକି ପ୍ୟାଣ୍ଟରେ ସାରା ଜୀବନ ବିତେଇଥିଲେ। ତେବେ ପିଲାଦିନରୁ ମା'ବାପା ଥିବା ଯାଏ ଯେତେ ସବୁ କଥା ମନେପଡିଲେ ଲାଗେ କୌଣସି କ୍ଷେତ୍ରରେ ଆଖିଦୃଶିଆ ପରି ଅଧିକା ନ ପାଇ ବି ମୋ ମା'ବାପାଙ୍କୁ ଯେଉଁ ଖୁସି ଦେଇଛି, ଯେଉଁ ଶାନ୍ତି ଦେଇଛି ସେତିକି ହିଁ ବୋଧେ ଆଶୀର୍ବାଦର କବଚ ହୋଇ ମୋତେ ପ୍ରତି ମୁହୂର୍ତ୍ତରେ ରକ୍ଷା କରୁଛି।

–ଅମ୍ବିତା

# ଇସାରା ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା...




**ପ୍ରଶ୍ନ**–ଜଣେ ଝିଅ ମୋତେ ଆଖିରେ ଇସାରା ଦେଉଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ସୁଶାନ୍ତ ସାହୁ, ବଡବିଲ*

**ଉତ୍ତର :** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ବାସ୍, ସେହି ଇସାରା, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। 'ଇସାରା ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା। ସେହି ଇସାରା ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ**–ସେ ମୋ ମନର ମାନସୀ, ମୋତେ ଦେଖି ହସି ଦେଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*–ପ୍ରକାଶ ଦାସ, ଢେଙ୍କାନାଳ*

**ଉତ୍ତର :** ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ତାକୁ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ?

*–ତପନ ରାଉତ, ରାଉରକେଲା*

**ଉତ୍ତର :** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଶରତ ନାଥ, ପୁରୀ*

**ଉତ୍ତର :** ଯାହାକୁ ଏତେ ଥର ଆଇ ଲଭ ୟୁ କହି ସାରିଲେଣି, ସେ ବୋଧହୁଏ ତାକୁ ତର୍ଜମା କରୁଛି। ଏହାର ଉତ୍ତର ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ବିକାଶ କୁମାର, ଜଗତସିଂହପୁର*

**ଉତ୍ତର :** ଆପଣଙ୍କ ରଚିତ କବିତା ପ୍ରେମିକା ମଜଗରେ ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ସେ ପଢ଼ିବାକୁ ଚେଷ୍ଟା କରିବେ।


କିରଣ ଡେମ୍ବଲା

# ଆଇରନ୍ ଲେଡି

**ନାରୀର ଶକ୍ତି ଅସୀମିତ । ସେ କୌଣସି ନିର୍ଦ୍ଦିଷ୍ଟତା ଭିତରେ ସୀମିତ ନୁହେଁ, ଯାହାକୁ ପ୍ରମାଣିତ କରିଛନ୍ତି ଏଇ ଆଇରନ୍ ଲେଡିମାନେ। ପୁରୁଷ ପ୍ରଧାନ ବଡି ବିଲ୍ଡିଂ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରି ନାରୀର ଶକ୍ତିକୁ ସାରା ଦୁନିଆକୁ ଦେଖାଇଛନ୍ତି...**


ଜାସ୍ମିନ ଚୌହାନ

**ଜାସ୍ମିନ ଚୌହାନ:** ଗୁରଗାଓଁ , ହରୟାନାର ଜାସ୍ମିନ ଚୌହାନ୍ ବେଶ୍ ପରିଚିତ ଆଇରନ୍ ଲେଡିଭାବେ । ଦେଖିବାକୁ ବେଶ୍ ସୁନ୍ଦର, ଶରୀର କିନ୍ତୁ ତାଙ୍କର ଲୁହା ପରି ଶକ୍ତ । ବଡିବିଲ୍ଡିଂରେ ସେ ଅନେକ ଚାମ୍ପିୟନଶିପ୍ ଜିତିଛନ୍ତି । ୨୦୧୬ରେ ଆଇବିବିଏଫ୍ଏଫ୍ ତରଫରୁ ଆୟୋଜିତ ମିସ୍ ଏସିଆ ପ୍ରତିଯୋଗିତାରେ ବିଜୟିନୀ ହୋଇଥିଲେ । ସେହି ବର୍ଷ ସେ ମିସ୍ ଇଣ୍ଡିଆ ଫିଜିକ୍ସ ଆଣ୍ଡ ଫିଟନେସ୍ ଟୁର୍ନାମେଣ୍ଟ ଏବଂ ପାୱାର ଲିଫ୍ଟିଂ ପ୍ରତିଯୋଗିତାର ଡବଲ୍ସରେ ବି ସ୍ୱର୍ଣ୍ଣ ପଦକ ହାସଲ କରି ଦେଶର ନାଁକୁ ଗୌରବମଣ୍ଡିତ କରିଥିଲେ । ୨୦୦୫ରେ ଜାସ୍ମିନ ଗ୍ଲାଡରାଗ୍ ମିସେଜ୍ ଇଣ୍ଡିଆରେ ବି ଜିତିଥିଲେ । ସେ କେବଳ ଜଣେ ଆଥ୍ଲିଟ୍ ନୁହନ୍ତି ଜଣେ ବିଜନେସ୍ ଉମେନ୍ ମଧ୍ୟ ଅଟନ୍ତି । ଗୁରଗାଓଁ ରେ ନିଜର ଏକ ଜିମ୍ ଅଛି । ସେଠାରେ ସେ ଉଭୟ ମହିଳା ଓ ପୁରୁଷଙ୍କୁ ଟ୍ରେନିଂ ଦେଇଥାନ୍ତି । ନିଜ ଜିମ୍ରେ ସେ ପ୍ରତି ମାସ ୫୦୦ ପୁରୁଷ ମହିଳାଙ୍କୁ ତାଲିମ ଦେଇଥାନ୍ତି । ତେବେ ଛୋଟବେଳେ ଜାସ୍ମିନ ଏକ ରୋଗ ପାଇଁ ବେଶ୍ ମୋଟା ହୋଇଯାଇଥିଲେ । ସ୍କୁଲ କଲେଜରେ ତାଙ୍କୁ ବହୁତ ଚିଡାଉଥିଲେ । ସେଥିପାଇଁ ସେ ନିଜକୁ ଫିଟ୍ କରିବା ଲାଗି ଜିମ୍ ଯାଇ ଏକ୍ସରସାଇଜ୍ କରିବା ଆରମ୍ଭ କରିଥିଲେ । ପରେ ଏହା ତାଙ୍କ ନିଶା ପାଲଟିଗଲା । ଆଉ ସେ ପାଲଟିଗଲେ ବଡିବିଲ୍ଡର । ସେ ଏକ ଝିଅର ମା' ବି ।


ଦୀପିକା ଚୌଧୁରୀ


ସୋନାଲି ସ୍ୱାମୀ

**ସୋନାଲି ସ୍ୱାମୀ:** ବାଙ୍ଗାଲୁରର ସୋନାଲି ଏକାଧାରରେ ଜଣେ ପତ୍ନୀ, ମା', ଇନ୍ଷ୍ଟ୍ରକ୍ଟର ଏବଂ ଆଥ୍ଲିଟ । ସେ ଦୁଇଟି ସନ୍ତାନର ଜନନୀ ହେବା ପରେ ୩୭ ବର୍ଷ ବୟସରେ ଜିମ୍ ଯିବା ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରି ସେ ଧୀରେ ଧୀରେ ଏକ ସୁନ୍ଦର ଟୋନ୍ଡ ବଡି ପାଇବାରେ ସଫଳ ହେଲେ । ଆଉ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କଲେ । ତେବେ ବିବାହିତା ଓ ଦୁଇ ସନ୍ତାନର ମା' ହୋଇ ବିକିନି ପିନ୍ଧିବାକୁ ତାଙ୍କୁ ଲାଜ ଲାଗୁଥିଲା । କିନ୍ତୁ ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କର ସହଯୋଗ ଥିଲା, ଯାହାକି ତାଙ୍କୁ ଆଗକୁ ବଢିବାର ସାହସ ଦେଇଥିଲା । ହେଲେ ତାଙ୍କ ନିଜ ମା' ବଡି ବିଲ୍ଡିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପସନ୍ଦ କରୁ ନଥିଲେ । ଏମିତିରେ ସୋନାଲୀ ୨୦୧୪ରେ 'ଫିଟ୍ ଫ୍ୟାକ୍ଟର' ପ୍ରତିଯୋଗିତା ଓ ପରେ 'ମସଲ୍ ମାନିଆ' ପ୍ରତିଯୋଗିତାରେ ବିଜୟହାସଲ କଲେ । ଆଉ ୨୦୧୬ରେ ଭୁଟାନରେ ଆୟୋଜିତ ୫୦ତମ 'ଏସିଆନ ବଡିବିଲ୍ଡିଂ ଚାମ୍ପିୟନଶିପ୍'ରେ 'ଓମେନ୍ସ ମଡେଲ ଫିଜିକ କାଟାଗୋରୀ'ରେ ବ୍ରୋଞ୍ଜ ପଦକ ହାସଲ କଲେ । ଯେଉଁଦିନ ସେ ପ୍ରତିଯୋଗିତାରେ ଜିତି ଟ୍ରଫି ପାଇଥିଲେ ଶାଶୁ ଖୁସିରେ କହିଥିଲେ ଏମିତି ଆହୁରି ଟ୍ରଫି ଘରକୁ ଆସିବ । ପରେ ତାଙ୍କ ମା' ବି ତାଙ୍କ ଦକ୍ଷତାକୁ ଚିହ୍ନିପାରିଥିଲେ ଓ ସପୋର୍ଟ କଲେ । ଏବେ ସେ ଜଣେ ସାର୍ଟିଫାଇଡ୍ ଜୁମ୍ବା, ବୋକୱା, ଏରୋବିକ୍, ଟିଆରଏକ୍ସ ସସପେନସନ୍ ଇନ୍ଷ୍ଟ୍ରକ୍ଟର ଭାବେ ଅନ୍ୟଙ୍କୁ ତାଲିମ ଦେଉଛନ୍ତି ।

**ଶ୍ୱେତା ମେହତା:** ହରିୟାଣାର ଝିଅ ଶ୍ୱେତା ପଢା ସାରିବା ପରେ ବାଙ୍ଗାଲୁରୁର ଏକ ଆଇଟି କମ୍ପାନୀରେ ଚାକିରି କଲେ । ମାସକୁ ୭୦ହଜାର ଟଙ୍କା ଦରମା ପାଉଥିଲେ । ତେବେ ୫ ବର୍ଷ ଚାକିରି କରିବା ପରେ ଫିଟନେସ୍ ଦୁନିଆରେ ନାଁ କରିବା ଲାଗି ସେ ଚାକିରି ଛାଡିଦେଲେ । ଶ୍ୱେତାଙ୍କର ଏହି ନିଷ୍ପତ୍ତିରେ ଘରେ ଖୁସି ନ ଥିଲେ । ଅନେକ ବୁଝାଇବା ପରେ ସେମାନେ ବୁଝିଲେ । ଶ୍ୱେତା ଦିନ ରାତି ପରିଶ୍ରମ କଲେ ପ୍ରତିଯୋଗିତାରେ ଭାଗ ନେବା ପାଇଁ । ହେଲେ ବିକିନୀ ପିନ୍ଧା ଅନିବାର୍ଯ୍ୟ ହୋଇଥିବାରୁ ଘରେ ପୁଣିଥରେ ପ୍ରତିବାଦ କଲେ । କିନ୍ତୁ ଶ୍ୱେତା ଥିଲେ ଅଟଳ । ଏଣେ ଚାକିରି ଛାଡି ଦେଇଥିବାରୁ ବ୍ୟାୟାମ ସହ ପ୍ରୋଟିନ ଜାତୀୟ ଖାଦ୍ୟ ଖାଇବା ପାଇଁ ଟଙ୍କାର ଅଭାବ ଦେଖାଦେଲା । ସେଥିପାଇଁ ସେ ନିଜର ବଡ ଘରଛାଡି ଛୋଟ ଘରେ ରହିଲେ । ଆଉ ଏହି ପରିଶ୍ରମର ଫଳ ତାଙ୍କୁ ସେତେବେଳେ ମିଳିଲା, ଯେବେ ସେ ବିଭିନ୍ନ ଚାମ୍ପିୟନଶିପ୍ ଜିତିଲେ । ୨୦୧୬ରେ ଜେରାଇ ଓମେନ ଫିଟନେସ୍ ମଡେଲ ଚାମ୍ପିୟନଶିପ୍ ବି ଜିତିଲେ । ଫଳରେ ପୃଥିବୀର କେତେଜଣ ଭଲ ଫିଟନେସ୍ ଏଥ୍ଲିଟଙ୍କ ଭିତରେ ଶ୍ୱେତାଙ୍କୁ ଗଣନା କରାଯାଉଛି । ସେ ଏମ୍ଟିଭି ରୋଡିଜ୍ ରାଇଜିଂ-୧୪ ବି ଜିତିଥିଲେ । ଏହି ଶୋ'ରେ ସେ କ୍ରିକେଟର୍ ହରଭଜନ ସିଂଙ୍କୁ ନିଜ କାନ୍ଧରେ ବସାଇ ଟେକି ଚର୍ଚ୍ଚାକୁ ଆସିଥିଲେ ।

**ଦୀପିକା ଚୌଧୁରୀ:** ଭୋପାଳ ମଧ୍ୟପ୍ରଦେଶର ଦୀପିକା ହେଉଛନ୍ତି ଭାରତର ପ୍ରଥମ ମହିଳା ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ବଡି ବିଲ୍ଡିଂ ଆଣ୍ଡ ଫିଟନେସ୍ ପ୍ରଫେସନାଲ । ସେ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତକୁ ରିପ୍ରେଜେଣ୍ଟ କରିଛନ୍ତି । ୨୦୧୪ରେ ସେ 'ବ୍ୟାଟେଲ ଅନ୍ ଦ ବିଚ୍' ଓ 'ଫିଟ ଲଡରଡେଲ କପ୍'ରେ ବିଜୟ ହାସଲ କରିଥିଲେ । ଏହାବାଦ 'ଦି ଷ୍ଟିଭଷ୍ଟୋନ ମେଟ୍ରୋପଲିଟାନ ଚାମ୍ପିୟନଶିପ୍, ଆଟଲାଣ୍ଟିକ୍ ଷ୍ଟେଟ୍ସ ଚାମ୍ପିୟନଶିପ୍, ଏନ୍ପିସି ଇଷ୍ଟର୍ନ ୟୁଏସ୍ ଚାମ୍ପିୟନଶିପ୍ରେ ବିଜୟିନୀ ହୋଇ ଦେଶର ନାଁକୁ ଗୌରବାନ୍ୱିତ କରିଛନ୍ତି । ପେସାରେ ଦୀପିକା ଜଣେ ଭାଇରୋଲୋଜିଷ୍ଟ । ପୁନେର ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରେ ମୋଲେକ୍ୟୁଲାର ବାୟୋଲୋଜିଷ୍ଟ ଭାବେ କାମ କରନ୍ତି ।

**କିରଣ ଡେମ୍ବଲା:** ବିବାହ ଓ ଦୁଇ ଛୁଆର ମା' ହେବା ପରେ କିରଣଙ୍କର ସମୟ କେବଳ ଘର, ସ୍ୱାମୀ ଓ ପିଲାଙ୍କ କଥା ବୁଝିବାରେ ବିତୁଥିଲା । ତେବେ ହଠାତ୍ ଥରେ ବ୍ରେନ୍ରେ ବ୍ଲଡ କ୍ଲଟ ହେଇ ସେ କଥା କହିବା ଓ ମୁଣ୍ଡ ହଲାଇବାରେ ଅସମର୍ଥ ହୋଇଗଲେ । ଅନେକ ଚିକିତ୍ସା ପରେ ଭଲ ହେଲେ ସତ, କିନ୍ତୁ ଏତେ ମୋଟା ହେଇଯାଇଥିଲେ ଯେ ଆଇନାରେ ନିଜକୁ ଚିହ୍ନିପାରୁ ନଥିଲେ । ତେଣୁ ସେ ଯୋଗ, ସୁଇମିଂ କରିବା ଆରମ୍ଭ କଲେ । ଏଥିରେ ବିଶେଷ ସୁଫଳ ନ ମିଳିବାରୁ ଜିମ୍ ଗଲେ । ପରିଶ୍ରମ କରି ୨୫ କି.ଗ୍ରା. ଓଜନ କମାଇବା ପରେ ସେ ଜିମ୍ ପ୍ରେମରେ ପଡିଗଲେ । ୪୦ ବର୍ଷ ବୟସରେ ସିକ୍ସ ପ୍ୟାକ୍ ବି କଲେ । ଆଉ ଭାରତୀୟ ବଡି ବିଲ୍ଡିଂ ଫେଡେରେଶନ୍ରୁ ବୁଡାପେଷ୍ଟରେ ଆୟୋଜିତ ୱାର୍ଲଡ ବଡି ବିଲ୍ଡିଂ ଚାମ୍ପିୟନଶିପ୍ରେ ଅଂଶ ଗ୍ରହଣ କରିବାକୁ ପ୍ରସ୍ତାବ ଆସିଲା । ପ୍ରଥମେ ତାଙ୍କ ସ୍ୱାମୀ ରାଜି ହୋଇ ନ ଥିଲେ । କାରଣ ସେଥିରେ ବିକିନୀ ପିନ୍ଧିବାକୁ ପଡିବ । କିନ୍ତୁ ସେ ତାଙ୍କୁ ବୁଝାଇଦେଇଥିଲେ । ଆଉ ୪ ମାସ ପରିଶ୍ରମ କରି ୨୦୧୩ରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଷଷ୍ଠ ସ୍ଥାନରେ ରହିଲେ । ତାଙ୍କର ନିଜର ଜିମ୍ ଅଛି । ସେ ରାମଚରଣ, ତମନ୍ନା ଭାଟିଆ, ଅନୁଷ୍କା ସେଟ୍ଟି, ତାପସୀ ପନ୍ନୁ ଭଳି ସାଉଥ୍ ଇଣ୍ଡିଆ ଷ୍ଟାରଙ୍କୁ ତାଲିମ ଦେଇଛନ୍ତି ।


ଶ୍ୱେତା ମେହତା



ଅଲିଭା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:ଓଡିଶା ଫ୍ୟାଶନଭିଲା

## ହାଃ ହାଃ

### ସ୍ୱପ୍ନ

ସ୍ତ୍ରୀ ସ୍ୱାମୀଙ୍କୁ: ଜାନୁ, ମୁଁ କ'ଣ ତୁମ ସ୍ୱପ୍ନରେ ଆସେ ?
ସ୍ୱାମୀ: ନା, କେବେ ନୁହେଁ।
ସ୍ତ୍ରୀ: ହେଲେ କାହିଁକି ?
ସ୍ୱାମୀ: କାହିଁକି ନା ମୁଁ ଶୋଇବା ପୂର୍ବରୁ ହନୁମାନ ଚାଳିସା ପାଠକରି ଶୋଇଥାଏ।

### ରିସ୍କ

ପତ୍ନୀ ସ୍ୱାମୀଙ୍କୁ: ତମେ ମୋ'ଠାରେ କ'ଣ ଦେଖି ବିବାହ କଲ ?
ସ୍ୱାମୀ: ସେମିତି କିଛି ନୁହେଁ। ମତେ ଛୋଟବେଳୁ ରିସ୍କ ନେବାକୁ ଭଲ ଲାଗେ। ତେଣୁ ତମକୁ ବାଛିଲି।


### ବୋକା

ସ୍ତ୍ରୀ ସ୍ୱାମୀଙ୍କୁ: ତମେ ନା ବହୁତ ଭୋଳା। ସେଥିପାଇଁ ତମକୁ ଯେ କେହି ସହଜରେ ବୋକା ବନେଇ ଦେଉଛନ୍ତି।
ସ୍ୱାମୀ: ସତ କହିଲ। ଆଉ ପ୍ରଥମଥର ବୋକା ତ ତମ ବାପା ହିଁ ବନେଇଛନ୍ତି।

## ଐତିହାସିକ ସହର

# ଜାମନଗର







**ଗୁଜରାଟର ଜାମନଗର ଜିଲା ଅନ୍ତର୍ଗତ ଏକ ଐତିହାସିକ ସହର ହେଉଛି ଜାମନଗର। ବ୍ୟବସାୟ, ବାଣିଜ୍ୟ ହେଉ ଅବା ଶିକ୍ଷାଦୀକ୍ଷା କ୍ଷେତ୍ରରେ ଏହି ସହରର ରହିଛି ବେଶ୍ ନାଁ। ଏପରିକି ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହା କୌଣସି ଗୁଣରେ କମ୍ ନୁହେଁ। ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ...**

ଗୁଜରାଟର ଏକ ଐତିହାସିକ ସହର ଭାବେ ଜାମନଗର ପରିଚିତ। ପର୍ଯ୍ୟଟନ ହେଉ ଅବା ଅର୍ଥନୀତି କିମ୍ବା ଶିକ୍ଷା ସବୁ କ୍ଷେତ୍ରରେ ଏହାର ନିଜସ୍ୱ ଏକ ପରିଚୟ ରହିଛି। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ ୧୫୪୦ ମସିହାରେ ଜାମନଗର ରାଜା ଜାମସାହିବଙ୍କ ଦ୍ୱାରା ନୱାନଗର ଭାବେ ପ୍ରଥମେ ଗଢିଉଠିଥିଲା। କିନ୍ତୁ ପର୍ଯ୍ୟାୟକ୍ରମେ ଏହା ଉପରେ ଆହୁରି ଅନେକ ରାଜା ଶାସନ କଲେ ଏବଂ କ୍ରମେ ଏହାର ନାମ ପରବର୍ତ୍ତନ ହୋଇ ଜାମନଗର ହେଲା। ଆଉ ଏବେ ଏହା ଗୁଜରାଟର ଏକ ମହତ୍ତ୍ୱପୂର୍ଣ୍ଣ ଔଦ୍ୟୋଗିକ କେନ୍ଦ୍ର ତଥା ପ୍ରଶାସନିକ ମୁଖ୍ୟାଳୟ ଭାବେ ପରିଚିତ ହେଉଛି ; ଯାହା ସତରେ ଏକ ଗୌରବଶାଳୀ ବିଷୟ।

### କ'ଣ ଦେଖିବେ


ଯେହେତୁ ଜାମନଗର ଉପରେ ଅନେକ ରାଜା ଶାସନ କରୁଥିଲେ, ତେଣୁ ଏଠାରେ ଏକାଧିକ ପ୍ୟାଲେସ ଏବଂ ଦୁର୍ଗ ଥିବାର ଦେଖିବାକୁ ମିଳିଥାଏ। ଯେମିତିକି ଦରବାରଗଡ଼ ପ୍ୟାଲେସ, ପ୍ରତାପ ବିଳାସ ପ୍ୟାଲେସ ଏବଂ ଲାଖୋଟ୍ ଦୁର୍ଗ ଇତ୍ୟାଦି ପ୍ରମୁଖ। ସେହିପରି ଜାମନଗରରେ ଅନେକ ଆଧ୍ୟାତ୍ମିକ ପୀଠ ବି ରହିଛି ; ଯଥା ତ୍ରିମନ୍ଦିର, ବର୍ଦ୍ଧମାନ ଶାହ ମନ୍ଦିର, ଶାନ୍ତିନାଥ ମନ୍ଦିର, ମୋଟା ଆଶାପୁରା ମନ୍ଦିର, ବାଲ୍ ହନୁମାନ ମନ୍ଦିର, ଭୋଳେଶ୍ୱର ମହାଦେବ ମନ୍ଦିର, ବାପସ୍ ଶ୍ରୀସ୍ୱାମୀନାରାୟଣ ମନ୍ଦିର, ଧନଭନ୍ତ୍ରୀ ମନ୍ଦିର ଇତ୍ୟାଦି ଅନ୍ୟତମ। ଏସବୁ ବ୍ୟତୀତ ଏଠାରେ ଥିବା ଜାମ୍ ରଞ୍ଜିତ୍ ସିଂହଜୀ ପାର୍କ, ସର୍ଦ୍ଦାର ପଟେଲ୍ ଆମ୍ୟୁଜ୍‌ମେଣ୍ଟ ପାର୍କ, କ୍ରିମେଶନ୍ ପାର୍କ, ଜୋଗର୍ସ ପାର୍କ ଇତ୍ୟାଦିର ଆକର୍ଷଣୀୟ ସୌନ୍ଦର୍ଯ୍ୟ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ ନିଜ ଆଡ଼କୁ। ଏହାଛଡ଼ା ଜାମନଗରରେ ଥିବା ରୋଜି ଆଣ୍ଡ ବେଦୀ ପୋର୍ଟ, ମେରାଇନ୍ ନ୍ୟାଶନାଲ୍ ପାର୍କ, ପିରୋଟାନ୍ ଆଇଲାଣ୍ଡ, ବାଲ୍‌ଚଡି ବିଚ୍, ଖିଜଦୀୟା ପକ୍ଷୀ ଅଭୟାରଣ୍ୟ, ବୋହ୍‌ରା ହଜିରା, ଭୁଚାର୍ ମୋରି ଶହୀଦ୍ ଭ୍ୟାନ୍, ଭୁଜିଓ କୋଠୋ, ସୋଲାରିୟମ୍, କୋଠା ବାସ୍‌ଟନ୍, ୱିଲିଙ୍ଗ୍‌ଡନ୍ କ୍ରିସେଣ୍ଟ ଇତ୍ୟାଦି ପର୍ଯ୍ୟଟନସ୍ଥଳୀ ବି ବେଶ୍ ଆକର୍ଷଣୀୟ ହୋଇଥାଏ ଦେଖିବାକୁ। କହିବାକୁ ଗଲେ ପର୍ଯ୍ୟଟକ ଜାମନଗର ବୁଲିଆସିଲେ ଏଠାରେ ବହୁ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ ଦେଖିବା ସହ ଅନେକ ନିଆରା ଅନୁଭୂତି ସାଉଁଟି ପାରିବେ, ଏଥିରେ ସନ୍ଦେହ ନାହିଁ।

### ଔଦ୍ୟୋଗ ଓ ବ୍ୟାପାର


ବକ୍ସାଇଟ୍ ଏବଂ ବ୍ରାସ୍ ଉତ୍ପାଦନ କ୍ଷେତ୍ରରେ ଜାମନଗରର ବେଶ୍ ନାଁ ରହିଛି। ତା'ଛଡ଼ା ବାନ୍ଧେନୀ ବସ୍ତ୍ର ତିଆରି, ଆକର୍ଷଣୀୟ ମାଟିପାତ୍ର ତଥା ଜରିକାମ ଏବଂ ବିଭିନ୍ନ ପ୍ରକାରର ଧାତୁରେ ତିଆରି ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ କରିବାରେ ଜାମନଗରବାସୀ ବେଶ୍ ସିଦ୍ଧହସ୍ତ। କେବଳ ସେତିକି ନୁହେଁ, ଜାମନଗର ରିଫାଇନେରି ହେଉଛି ଭାରତ ତଥା ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ରିଫାଇନେରି। ତେଣୁ ଏ କ୍ଷେତ୍ରରେ ବି ଦେଶବିଦେଶରେ ଜାମନଗରର ବେଶ୍ ଖ୍ୟାତି ରହିଛି। ସେଥିପାଇଁ ମଧ୍ୟ ପର୍ଯ୍ୟଟକ ଏଠାକୁ କିଛିଟା ନିଆରା କଥା ଜାଣିବା ସକାଶେ ଧାଇଁ ଆସିଥାନ୍ତି।


### କେବେ ଓ କେମିତି ଯିବେ


ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ, ଜାମନଗରକୁ ବର୍ଷର ଯେ କୌଣସି ସମୟରେ ବୁଲି ଯାଇହେବ। କିନ୍ତୁ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ଭରପୂର ମଜା ନେଇହେବ। ସେହିପରି ଜାମନଗର ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି। ଜାମନଗର ସହରଠାରୁ ମାତ୍ର ୯ କି.ମି. ଦୂରରେ ରହିଛି ଜାମନଗର ଏୟାରପୋର୍ଟ ; ଯେଉଁଠାକୁ ମୁମ୍ବାଇ, ଅହମଦାବାଦ୍, ଭଦୋଦରା ତଥା ଦେଶର ଅନ୍ୟ ପ୍ରମୁଖ ସହରରୁ ନିୟମିତ ବ୍ୟବଧାନରେ ବିମାନ ଚଳାଚଳ କରିଥାଏ। ସେହିପରି ସହରଠାରୁ ମାତ୍ର ୪ କି.ମି. ଦୂରରେ ରହିଛି ଜାମନଗର ରେଳଷ୍ଟେଶନ ; ଯେଉଁଠାକୁ ଦେଶର ବିଭିନ୍ନ ସ୍ଥାନରୁ ନିୟମିତ ଟ୍ରେନ୍ ଯା'ଆସ କରିଥାଏ। ଏହାଛଡ଼ା ଜାମନଗର ଯିବାପାଇଁ ବସ୍‌ର ମଧ୍ୟ ସୁବିଧା ଉପଲବ୍ଧ ଅଛି। ତେଣୁ ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଜାମନଗରରେ ପହଞ୍ଚି ବୁଲାବୁଲି କରିପାରିବେ।













# ଝିଅ ନା ରବର

ମଣିଷ ଶରୀରର ଅଙ୍ଗଗୁଡ଼ିକ ଏପରିଭାବେ ସଂଯୋଗ ହୋଇଛି, ଯେମିତିକି ତାହା ଭଲରେ ସଂଞ୍ଚାଳନ ହୋଇପାରିବ। ଆଗପଛ, ବାମ ଡାହାଣ ହୋଇପାରିବ। ହେଲେ କିଛିଟା ସୀମା ପର୍ଯ୍ୟନ୍ତ ଏସବୁ ହୋଇପାରେ। ତେବେ ଜର୍ମାନୀର ଜୁଲିଆ ଗୁନ୍ଥେଲ ଯେକି ଜେଲ୍ଟା ନାମରେ ବେଶ୍ ପରିଚିତ ତାଙ୍କ ଶରୀର ସବୁଠୁ ଭିନ୍ନ। ଅବିଶ୍ୱସନୀଭାବେ ତାଙ୍କ ଶରୀରର ଅଙ୍ଗଗୁଡ଼ିକ ମୋଡି ପାରେ। ତାଙ୍କ ଶରୀର ଏତେ ଫ୍ଲେକ୍ସିବଲ୍ ବା ନମନୀୟ ଯେ, ନିଜକୁ ମୋଡି ସେ ଏକ ସୁଟ୍‌ବକ୍ସ ଭିତରେ ରହିପାରନ୍ତି। ଏହି ଶରୀର ଲାଗି ସେ ଅନେକ ରେକର୍ଡ ବି କରିଛନ୍ତି। ଯେମିତିକି ଏକ ନିର୍ଦ୍ଦିଷ୍ଟ ଦୂରତାରେ ଥିବା ପ୍ରାୟ ୧ ଫୁଟ୍ ଉଚ୍ଚତାର ଦୁଇଟି ବାଡି ଉପରେ ସନ୍ତୁଳନ ରକ୍ଷା କରି ଠିଆ ହୋଇ ଶରୀରକୁ ସମ୍ପୂର୍ଣ୍ଣଭାବେ ପଛକୁ ମୋଡି ଭୂମି ଉପରେ ଥିବା ପ୍ଲେଟ୍‌ରୁ ସର୍ବାଧିକ ୧୦ଟି ଗୋଲାପ ଫୁଲ ପାଟିରେ ଉଠାଇ ଆଣି ଶରୀରକୁ ସିଧା କରି ଆଉଥରେ ଶରୀରକୁ ସାମ୍‌ନା ପଟକୁ ନୁଆଇଁ ଫୁଲକୁ ତଳେ ରଖି ଏକ ରେକର୍ଡ କରିଛନ୍ତି। ସେହିଭଳି ଶରୀରକୁ ପୂରାପୁରି ପଛକୁ ମୋଡି, ପିଠି ଓ ନିତମ୍ବ ମଝିରେ ବେଲୁନ୍ ରଖି ତାକୁ ଫୁଟାଇ ଆଉ ଏକ ରେକର୍ଡ କରିଛନ୍ତି। ସେହିଭଳି ଏଲ୍‌ବୋ ଷ୍ଟାଣ୍ଡ ପୋଜିସନ୍‌ରେ ରହି ଦୁଇ ଗୋଡକୁ ପିଠି ପଟକୁ ମୋଡି ମୁଣ୍ଡ ପାଖରେ ଭୂମି ଉପରେ ଥିବା ବିୟର ବୋତଲର ଠିପିକୁ ଗୋଡରେ ଫିଟାଇ ଜେଲ୍ଟା ଆଉ ଏକ ରେକର୍ଡ ମଧ୍ୟ କରିଛନ୍ତି। ସେ ଏହି ସବୁ କାରନାମା କଲାବେଳେ ଯେ କେହି ତାଙ୍କ ଶରୀରର ନମନୀୟତାକୁ ଦେଖି ଚକିତ ହୋଇଯାଆନ୍ତି।



## କାର୍ଟୁନ କର୍ନର



# କେକ୍ କୌତୁକ



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ



ବହୁଦିନ ତଳର କଥା। ଜଣେ ବନ୍ଧୁଙ୍କ ଘରକୁ କିଛି କାମ ପାଇଁ ଯାଇଥିଲି। ବନ୍ଧୁଙ୍କ ସହ କଥା ହେଉଥିବା ବେଳେ ବନ୍ଧୁ ପତ୍ନୀ ସଦ୍ୟ ରୋଷେଇ ଘରେ ପ୍ରସ୍ତୁତ ହୋଇଥିବା ସୁଦୃଶ୍ୟ କେକ୍ ଖଣ୍ଡେ ଆଣି ପରଷି ଦେଲେ। ସୌଜନ୍ୟ ଦୃଷ୍ଟିରୁ କେକ୍ ଅତି ସୁସ୍ୱାଦୁ ହୋଇଛି ବୋଲି କହିଲି। ଏପରି କି ଏତେ ସ୍ୱାଦିଷ୍ଟ କେକ୍ ବେଶ୍ କିଛି ଦିନ ହେଲା ଖାଇ ନ ଥିଲି, ଯାହା ଖାଇଥିଲି ଆଈ ମାଆ ହାତ ତିଆରି ପୋଡ଼ପିଠାରେ ବୋଲି କୃତଜ୍ଞତାରେ ଗଦଗଦେଇ ଯାଇ ବନ୍ଧୁପତ୍ନୀଙ୍କୁ କହିଲି। ମୋର ଏତାଦୃଶ ପ୍ରଶଂସା ଶୁଣି ବନ୍ଧୁ ପତ୍ନୀ ଏତେମାତ୍ରାରେ ଉତ୍ସାହିତ ହୋଇଗଲେ ଯେ ରୋଷେଇ ଘର ଭିତରକୁ ଯାଇ ଗୋଟେ ବଡ଼ ପ୍ଲେଟରେ କେକ୍‌ର ବଡ଼ ଖଣ୍ଡେ ଅଂଶ ଆଣି ମୋ' ସାମ୍ନାରେ ଥୋଇଦେଲେ। ମୋ' ଦେଖାଦେଖି ବନ୍ଧୁ ଜଣକ ପଛକୁ କେମିତି ପଡ଼ନ୍ତେ ? ପତ୍ନୀଙ୍କୁ ପ୍ରଶଂସା କରି କହିଲେ ତାଙ୍କ ଘରଣୀ ବହୁତ ଇନୋଭେଟିଭ, କ୍ରିଏଟିଭ, ଜୁବିଲାଣ୍ଟ ଓ ଏନର୍ଜେଟିକ୍। ପ୍ରତିଦିନ କିଛି ନା କିଛି ନୂଆ ଖାଇବା ଚିଜ ତିଆରି କରି ଖୁଆଇବାରେ ତାଙ୍କର ଥାଏ ବିଶେଷ ଆଗ୍ରହ । ପ୍ରଥମ କେକ୍ ଖଣ୍ଡକ ମୁଁ କେଉଁଭଳି ଖାଇଛି ତାକୁ କେବଳ ମୁଁ ହିଁ ଜାଣେ । ଏବେ ଆଉ ଗୋଟେ ବଡ଼ କେକ୍ ଖଣ୍ଡକୁ ଦେଖି ମୋ ଅବସ୍ଥା ଅସମ୍ଭାଳ । ନା ଖାଇ ହେଉଛି ନା କହି ହେଉଛି । ଭୋକ ନାହିଁ, ଏବେ ଖାଇକି ଆସିଛି, ମୋ ପେଟ ଭଲ ନାହିଁ, ଅଧିକ ଖାଇ କାହିଁ ବଢିଆ ଟେଷ୍ଟକୁ ଚିଟା କରିବି ଭଳି ଅନେକ ବାହାନା କିଛି କାମ ଦେଲାନି ଆମ ସ୍ନେହୀ ବନ୍ଧପତ୍ନୀଙ୍କୁ। ଅଗତ୍ୟା ବହୁ କଷ୍ଟରେ ବାକି ଖଣ୍ଡକ ଉଦରସ୍ଥ କଲା ପରେ ଆଉ ମୁହୂର୍ତ୍ତେ ରହି ଚା, ସର୍ବତ କି କଫିର ଅପ୍ରତ୍ୟାଶିତ ଅତ୍ୟାଚାର ସହିବାକୁ ମନ ନ ଥିଲା। ଫେରିବାକୁ ଉଠିଲା ବେଳେ ହସି ହସି ବନ୍ଧୁ ପତ୍ନୀଙ୍କୁ ତଥାପି କହି ଆସିଲି, ଆଜି ପେଟ ଭଲ ନାହିଁ ନଚେତ ଆହୁରି ଅଧିକ ଖାଇଥାନ୍ତି। ପ୍ରତ୍ୟୁତ୍ତରରେ ତାଙ୍କ ଲାଜ ଲାଜ ମୁର୍କି ହସ ମୋର ପେଟଦୁଃଖକୁ କିଛି ମାତ୍ରାରେ ହାଲ୍କା କଲା ଅବଶ୍ୟ । ଗେଟ ଯାଏ ବନ୍ଧୁଜଣଙ୍କ ମୋତେ ବାଟେଇ ଆସିଲାବେଳେ ହଠାତ ମୋ' ହାତକୁ ଧରି ପକେଇ ଅନୁଚ୍ଚ ଗଳାରେ କହିପକେଇଲେ, ସାଙ୍ଗ ମୁଁ ଜାଣିଛି ତୁ କେତେ କଷ୍ଟରେ ସେ କେକ୍ ଖାଇଥିବୁ। ମୋ ଅବସ୍ଥା ତୋ ଠାରୁ ଆହୁରି ସାଙ୍ଘାତିକରେ। ସକାଳୁ ପତ୍ନୀଙ୍କ କେକ୍ ତିଆରି ଦେଖିଲା ପରେ ପେଟ ଖରାପର ବାହାନା କରି ଦୁଇଥର ଲେମ୍ବୁ ପାଣି ପିଇ ସାରିଲିଣି । ତୋତେ ମୋ' ରାଣ ଏ କଥା ଆଉ କେଉଁ ସାଙ୍ଗଙ୍କୁ କହିବୁନି। ତୁ ତ ବିବାହିତ, ଆଶା ମୋ କଥାକୁ ହୃଦୟଙ୍ଗମ କରୁଥିବୁ। ପତ୍ନୀଙ୍କ ସମସ୍ତ କାର୍ଯ୍ୟକୁ ପ୍ରଶଂସା ନ କଲେ ସେ ହାଣ୍ଡି ଭଳି ମୁହଁ କରିବେ। ନ କହିଲେ ବଦହଜମୀରେ ନିଜ ପେଟ ହାଣ୍ଡିଠୁ ଅଧିକ ଫୁଲୁଛି। କହିଲେ ମରୁଛି ନ କହିଲେ ମରୁଛି। ଏ ବିଚରା ପତିର ଦୁଇପଟୁ ଲସ୍ । ସୁଖୀ ଦାମ୍ପତ୍ୟ ପାଇଁ ସବୁ ଜାଣି ସୁଦ୍ଧା ହସି ହସି ସହି ଆସୁଛି । ମୁଁ ଜାଣେ ତୁ ଆଜି କିଭଳି ସେ କେକ୍ ଖାଇଥିବୁ । କେକ୍ ଖାଇଲା ବେଳେ ତୋ ହସ ହସ ମୁହଁ ପଛର କରୁଣ ଅବସ୍ଥା ମୁଁ ବେଶ୍ ବୁଝି ପାରୁଥିଲି। 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଦାମ୍ପତ୍ୟ ଖୁସିରେ ଥାଉ' ନ୍ୟାୟରେ ମୁଁ ସବୁଦିନ ଏହି ହସ ପଛର କରୁଣ ଅବସ୍ଥା ଦେଇ ଗତି କରୁଛି। ତାଙ୍କ କଥା ଶୁଣି ମୁଁ କହିଲି ମନ ଦୁଃଖ କରେନା। କେବଳ ଆମେ ଦୁହେଁ ନୁହଁ ବିବାହିତ ସମସ୍ତ ଦମ୍ପତି ଅଳ୍ପବହୁତେ ସମଦୁଃଖୀ। ସୁଖୀ ଦାମ୍ପତ୍ୟ ପାଇଁ ଜଣେ ପତିକୁ କି କି ତ୍ୟାଗ କରିବାକୁ ପଡ଼େ ସେ କଥା ମୁଁ ଜାଣେ। ନିଜ ପୌରୁଷକୁ ପାହାଡ଼ ପ୍ରମାଣେ ଦୃଢ଼ କରିବାକୁ ଯାଇ ପତ୍ନୀ କିମ୍ବା ବାହାରେ ଯେତେ ଦର୍ଶନ କଥା କହିଲେ ବି ନିଜ ଭିତରେ ନିଜେ କିପରି ମୂଷା ଭଳି ଖଟୁଥାଉ ତାହା କେବଳ ଜଣେ ବିଚରାପତି ହିଁ ବୁଝିପାରିବ।

*–ବନମାଳୀ ଭବନ, ଖାନ୍‌ନଗର, କଟକ*

*ମୋ: ୯୪୩୭୦୧୦୭୫୮*


## ପୁସ୍ତକ ସମୀକ୍ଷା

### ଗାଁରେ ସେଇସବୁ ଦିନ

**ଲେଖକ–ସଂଗ୍ରାମ ମହାପାତ୍ର**

**ପ୍ରକାଶକ–ବିଜୟ ବାର୍ତ୍ତା, କଟକ, ମୂଲ୍ୟ–୨୦୦ଟଙ୍କା**

ଲେଖକ ସଂଗ୍ରାମ ମହାପାତ୍ରଙ୍କ 'ଗାଁରେ ସେଇସବୁ ଦିନ'ପୁସ୍ତକରେ ୧୧ଟି ବିଷୟ ରହିଛି। ପ୍ରଥମ ବିଦ୍ୟାରମ୍ଭଠାରୁ ଆରମ୍ଭ କରି ଚାଷ ପର୍ଯ୍ୟନ୍ତ ସ୍ଥାନିତ ହୋଇଛି। ଗାଁର ନାମ 'ଶଙ୍ଖସ୍ୱର'। ଏଠାରେ ରହିଛନ୍ତି ବହୁ ଗୋପାଳ ସମ୍ପ୍ରଦାୟର ଲୋକ। ସେମାନେ ବଇଁଶୀ ଫୁଙ୍କି ସେମାନଙ୍କୁ ଟାଣି ନିଅନ୍ତି ନଦୀ କୂଳକୁ। ଭାଗବତର ଯମୁନାକୂଳ ଓ କହ୍ନେଇ ଆସେ 'ଶଙ୍ଖସ୍ୱର'ପାଖରେ ବହିଯାଉଥିବା ପାଇକା କୂଳକୁ। ଓଡ଼ିଆ ଗ୍ରାମ୍ୟ ଓ ପାରିବାରିକ ଜୀବନକୁ ନେଇ ସଂଗ୍ରାମଙ୍କ ପୁସ୍ତକ ଜୀବନ ସ୍ମୃତିର ଏକ ଅନ୍ତରଙ୍ଗ ଆଲେଖ୍ୟ। ସୂକ୍ଷ୍ମ ଜୀବନଦୃଷ୍ଟି, ସମ୍ପର୍କୀୟମାନଙ୍କର ପ୍ରାଣବତ୍ତା ଓ ସତ୍ୟନିଷ୍ଠ ଦିନଲିପି, ଆଉ ଗୋଟିଏ ସ୍ତରର କୃଷିଭିତ୍ତିକ ସମାଜର କ୍ଷୟ ଓ ବିଲୟର ସଂକ୍ଷିପ୍ତ ଇତିହାସ ହେଉଛି ବହିର ମର୍ମକଥା। ଏଥିରେ ଲେଖକୀୟ ଆଟୋପ ନାହିଁ କିମ୍ବା ଆତ୍ମ ପ୍ରତିଷ୍ଠାର ଗରିମା ନାହିଁ; ଯାହା ସଂଗ୍ରାମଙ୍କ ଲେଖାରୁ ଦୃଷ୍ଟି ଗୋଚର ହୁଏ। ଏହି ବହିଟି ଜୀବନ ଓ ସାହିତ୍ୟର ଏକ ସ୍ମରଣୀୟ ଦସ୍ତାବିଜ୍, ଯାହା ପାଠକଙ୍କୁ ନିଶ୍ଚୟ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।





### ପ୍ରତିବିମ୍ବ

**ଲେଖକ– ଅଜୟ କୁମାର ମହାନ୍ତି**

**ପ୍ରକାଶକ– ଅଭିମାନ, ପୁରୀ, ମୂଲ୍ୟ–୧୨୦**

ଅଜୟ କୁମାର ମହାନ୍ତିଙ୍କ ଲାଗି କବିତା ଏକ ବିଳାସ ମାତ୍ର ନୁହେଁ ବରଂ ଜୀବନ ସଂଧାନର ସୂତ୍ର । ଶବ୍ଦ ଓ ଛନ୍ଦ ମାଧ୍ୟମରେ ଜୀବନର ଚିରନ୍ତନ ସତ୍ୟ ଖୋଜୁ ଖୋଜୁ ସେ ଖୋଜି ପାଆନ୍ତି ଅଳୀକତା । ବହୁ ସମ୍ଭାବନାର ଜୀବନ ତାଙ୍କର ଶେଷ ହୁଏ ମରଣର ଆକସ୍ମିକତାରେ। ସେ କିନ୍ତୁ କବିତାରେ ଜୀବନର ଏ ନଶ୍ୱରତାକୁ ଶକ୍ତି ବୋଲି ମନେ କରିଛନ୍ତି । ପ୍ରତିଟି ମୁହୂର୍ତ୍ତର ମହନୀୟତାକୁ କବିତାରେ ସ୍ୱୀକାର କରିଛନ୍ତି ଆଉ ଲେଖିଛନ୍ତି ଅନ୍ତହୀନ ଜୀବନର ଉପପାଦ୍ୟ। ସରଳ ଓ ନିରାଡ଼ମ୍ବର ଭାଷା ତାଙ୍କ କବିତାକୁ ଦେଇଛି ସାଲୀଳତା। ତାଙ୍କର ପ୍ରଥମ କବିତା ସଙ୍କଳନ 'ପ୍ରତିବିମ୍ବ' ପାଠକମାନଙ୍କ ଆଦର ନିଶ୍ଚୟ ଲାଭ କରିବ ବୋଲି ବିଶ୍ୱାସ । ୫୦ ଟି କବିତାର ସମାହାରରେ ଅଜୟ କୁମାର ମହାନ୍ତିଙ୍କ କବିତା ସଙ୍କଳନ 'ଅଭିମାନ ପ୍ରକାଶନୀ'ର ପ୍ରଥମ ପ୍ରକାଶିତ କବିତା ସଙ୍କଳନ।




### ତ୍ରିଭୁବନ ମହାଦେବୀ

**ଲେଖକ– ପ୍ରଦୀପ ଦାଶ**

**ପ୍ରକାଶକ– ବିଦ୍ୟାପୁରୀ, କଟକ, ମୂଲ୍ୟ–୩୨୦ଟଙ୍କା**

'ତ୍ରିଭୁବନ ମହାଦେବୀ' ଉପନ୍ୟାସର ଲେଖକ ପ୍ରଦୀପ ଦାଶ। ଏହା ତାଙ୍କ 'ଚରୁ ଚୀବର ଓ ଚର୍ଯ୍ୟା' ଉପନ୍ୟାସର ଦ୍ୱିତୀୟ ଭାଗ ବୋଲି ସେ ସ୍ୱୀକାର କରିଛନ୍ତି। କଥାବସ୍ତୁର ପ୍ରବହମାନ ସ୍ରୋତ ମଧ୍ୟରେ ସେ ଉପନ୍ୟାସର କତିପୟ ଚରିତ୍ର ସମସ୍ତଙ୍କ କ୍ରମ ବିକାଶ ସେଥିରେ ଥିଲେ ମଧ୍ୟ 'ତ୍ରିଭୁବନ ମହାଦେବୀ'ଉପନ୍ୟାସର କେନ୍ଦ୍ରବିନ୍ଦୁ ଭୌମକର ବଂଶର ମହାରାଣୀ ନିଜେ 'ତ୍ରିଭୁବନ ମହାଦେବୀ'। ଉଭୟ ଉପନ୍ୟାସର ପ୍ରେକ୍ଷାପଟ ଭୌମକର ରାଜବଂଶ ସତ୍ୟ ; ମାତ୍ର ଉପନ୍ୟାସ ଭିନ୍ନ ଭିନ୍ନ ସମୟର ପ୍ରତିନିଧିତ୍ୱ କରନ୍ତି। ତ୍ରିଭୁବନ ମହାଦେବୀ ଗଙ୍ଗବଂଶୀ କନ୍ୟା ଓ ଭୌମବଂଶୀ ବଧୂ। ଏହା ଐତିହାସିକ ତଥ୍ୟ। କିନ୍ତୁ ସଂପ୍ରତି ନାରୀ ସଶକ୍ତୀକରଣ ଯୁଗରେ ଏପରି ଏକ ଉପନ୍ୟାସ ପ୍ରମାଣ କରେ ଯେ, ପ୍ରାଚୀନ ଓଡ଼ିଶାରେ ନାରୀ ଥିଲେ ଶକ୍ତିମୟୀ ଓ ରାଜଦଣ୍ଡଧାରିଣୀ। ଲେଖକ ଏଭଳି ଏକ ଅଭିନବ ଐତିହାସିକ ଚରିତ୍ରକୁ ଉପଜୀବ୍ୟ କରି ଉପନ୍ୟାସ ରଚନା କରିବା ଦ୍ୱାରା ଏହା ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଶ୍ରୀବୃଦ୍ଧି କରିବ। ତାଙ୍କର ଅନ୍ୟ ଉପନ୍ୟାସ ଭଳି 'ତ୍ରିଭୁବନ ମହାଦେବୀ'ବ୍ୟାପକ ପାଠକୀୟତା ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।



ବ୍ୟାକ୍ ପେଜ୍

# ହୀରାଖଚିତ ଟୟଲେଟ୍ ସିଟ୍

ଦୁବାଇରେ ତିଆରି ହୋଇଛି ଏମିତି ଏକ ଟୟଲେଟ୍, ଯାହାକୁ ଦେଖି ଆଖି ଝଲସିଯିବ। କାରଣ ତାହା ସୁନା ଓ ହୀରାରେ ତିଆରି। ଆଉ ତାହା ଏତେ ଚମକଦାର୍ ଓ ସୁନ୍ଦର ଯେ, ତାକୁ ବ୍ୟବହାର କରିବାକୁ ଇଛା ହେବନି, ବରଂ ସାଇତି ରଖିବାକୁ ଚାହିଁବେ। ତେବେ ଏହି ଟୟଲେଟ୍‌ର ସିଟ୍‌ଟି ସମସ୍ତଙ୍କର ଅଧିକ ଦୃଷ୍ଟି



ଆକର୍ଷଣ କରିଥାଏ। କାରଣ ସେଥିରେ ଖଚିତ ହୋଇଛି ୪୦,୮୧୫ଟି ହୀରା, ଯାହା ୩୩୪ କ୍ୟାରେଟ୍‌ର ଅଟେ। ଉକ୍ତ ଟୟଲେଟ୍‌ର ମୂଲ୍ୟ ୧.୨୮ ମିଲିୟନ। ତେଣୁ ଏହା ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଅଧିକ ହୀରା ଖଚିତ ଟୟଲେଟ୍ ସିଟ୍ ଭାବେ ମଧ୍ୟ ସ୍ଥାନ ପାଇଛି।



# ଟାୟାର୍ ପ୍ଲେ ଷ୍ଟେଶନ

ସାଧାରଣତଃ ପୁରୁଣା ଟାୟାର୍‌ଗୁଡ଼ିକ ଅଦରକାରୀଭାବେ ପଡ଼ି ରହେ। ହେଲେ ଅନୁୟା ତ୍ରିବେଦୀ ଭାର୍ଗବ ନାମ୍ନୀ ଜଣେ ମହିଳା ଗୁଜୁରାଟ, ଅହମ୍ମଦାବାଦସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଏହି ଅଦରକାରୀ ଟାୟାରକୁ ନେଇ ତିଆରି କରିଛନ୍ତି ପିଲାଙ୍କ ପାଇଁ ସୁନ୍ଦର ସୁନ୍ଦର ପ୍ଲେଷ୍ଟେଶନ୍। ଯେଉଁଥିରେ ଝୁଲାଠୁ ଆରମ୍ଭ କରି ଅନେକ ପ୍ରକାରର ଖେଳ ସାମଗ୍ରୀ ରହିଛି। ଅନୁୟା ପ୍ରଥମେ ଫାର୍ମା ଇଣ୍ଡଷ୍ଟ୍ରୀରେ କାମ କରୁଥିଲେ। ହେଲେ ସବୁବେଳେ ସେ ଗରିବ ପିଲା ଓ ଗରିବ ଲୋକଙ୍କ ସେବା କରିବାକୁ ଚାହୁଁଥିଲେ। ତେଣୁ ସେ ଚାକିରି ଛାଡ଼ି ଦେଇଥିଲେ। ଥରେ ତାଙ୍କ ପୁଅର ଜନ୍ମଦିନରେ ସେ ଏକ ଅଙ୍ଗନବାଡ଼ି କେନ୍ଦ୍ର ବୁଲିବାକୁ ଯାଇଥିଲେ। ଇଛା ଥିଲା ସେଇ ପିଲାଙ୍କ ମନରେ ଟିକେ ହସ ଫୁଟାଇବା। ତେବେ ସେଠାକୁ ଯାଇ ଦେଖିଲେ ପିଲାମାନେ ଖେଳିବା ଲାଗି ସେଠି କୌଣସି ବ୍ୟବସ୍ଥା ନାହିଁ। ତେଣୁ ସେ ଏକ ଝୁଲା ଦେବେ ବୋଲି ଭାବିଥିଲେ। ହେଲେ କିଣି କି ଦେବା ପାଇଁ ଅଧିକ ଟଙ୍କା ଲାଗିବ। ତେଣୁ ସେ ଅନେକ ଚିନ୍ତା କରିବା ପରେ ଅଦରକାରୀ ଟାୟାରରେ ରଙ୍ଗିନ ଝୁଲା ତିଆରି କରି ସେହି ଅଙ୍ଗନବାଡ଼ି କେନ୍ଦ୍ରକୁ ଦେଇଥିଲେ। ସେଠାକାର ଶିକ୍ଷକ ଏହାକୁ ଦେଖି ବହୁତ ଖୁସି ହୋଇଯାଇଥିଲେ। ଏହାପରେ ସେ ଟାୟାରରେ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଓ ସରକାରୀ ବିଦ୍ୟାଳୟଗୁଡ଼ିକରେ ଟାୟାରର ପ୍ଲେଷ୍ଟେଶନ୍ କରିବାକୁ ନିଷ୍ପତ୍ତି ନେଲେ। ତେବେ ଏଥିପାଇଁ ଅନେକ ଟଙ୍କା ଦରକାର ଥିଲା। ଏହି ଅସୁବିଧାକୁ ଦୂର କରିବା ଲାଗି ସେ କ୍ରାଉଡଫଣ୍ଡିଂର ସହାୟତା ନେଲେ। ଆଉ ଲୋକମାନେ ଦେଉଥିବା ଟଙ୍କାରେ ନିଜର କାମ ଆରମ୍ଭ କଲେ। ଏହାମଧ୍ୟରେ ଅହମ୍ମଦାବାଦ, କାନପୁର, ବାଙ୍ଗାଲୁରରେ ୨୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ଟାୟାରର ପ୍ଲେଷ୍ଟେଶନ କରିସାରିଲେଣି। ଏଥିପାଇଁ ତାଙ୍କୁ ଗ୍ଲୋବାଲ ରିସାଇକେଲିଂ ଆୱାର୍ଡ ବି ମିଳିଛି।







ଟେଡି ବିୟର କାହାକୁ ବା ଭଲ ନ ଲାଗେ। ଛୋଟ ପିଲାଙ୍କଠୁ ଆରମ୍ଭ କରି ବଡ଼ ସମସ୍ତଙ୍କୁ ଏହା ବହୁତ ପସନ୍ଦ ଆସିଥାଏ। ଆମେରିକା, ସାଉଥ ଡକୋଟାର ୬୮ ବର୍ଷୀୟା ମହିଳା ଜ୍ୟାକି ମାଇଲିଙ୍କୁ ତ ଟେଡି ବିୟର ଏତେ ପସନ୍ଦ ଯେ, ସେ ଯେଉଁଠି ବି ଯାଆନ୍ତି ସେଠାରୁ ଯେମିତି ହେଉ ଟେଡି ବିୟର କିଣନ୍ତି। ଫଳରେ ତାଙ୍କ ପାଖରେ ଏବେ ଟେଡି ବିୟରର ଏକ ବଡ଼ ସଂଗ୍ରହ ହୋଇଗଲାଣି। ଆଉ ଏହି ସଂଗ୍ରହ ଏତେ ବଡ଼ ଯେ ତାହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ବଡ଼ ଟେଡି ବିୟର ସଂଗ୍ରହଭାବେ ସ୍ଥାନ ପାଇଛି। ତାଙ୍କ ପାଖରେ ୮,୦୨୬ଟି ଭିନ୍ନ ଭିନ୍ନ ପ୍ରକାରର ଟେଡି ବିୟର ଅଛି। ୨୦୦୦ ମସିହାରେ ସେ ପ୍ରଥମ ଟେଡି ବିୟର୍ କିଣିଥିଲେ। ପରେ ସେ ନିଜ ରାଜ୍ୟର ବିଭିନ୍ନ ଦୋକାନରୁ ଭିନ୍ନ ଭିନ୍ନ ପ୍ରକାରର ଟେଡି ବିୟର କିଣିଲେ।



# ଏତେ ଟେଡି ବିୟର!

ପ୍ରାୟ ୨୯ଟି ଦେଶ ବୁଲି ସେ ଟେଡି ବିୟର କିଣିଛନ୍ତି। ତାଙ୍କ ପାଖରେ ସବୁଠାରୁ ଛୋଟ ୩/୪ ଇଞ୍ଚ ଉଚ୍ଚତାର ଏକ ଟେଡିବିୟର ଅଛି। ସେହିଭଳି ତାଙ୍କ ପାଖରେ ଥିବା ସବୁଠାରୁ ଟେଡି ବିୟରର ଉଚ୍ଚତା ୮ ଫୁଟ। ତେବେ ସବୁଠୁ କୌତୁହଳର କଥା ହେଉଛି ପିଲାଦିନେ ଜ୍ୟାକିଙ୍କ ପାଖରେ ଗୋଟେ ବି ଟେଡି ବିୟର ନଥିଲା। ଏମିତିକି ୮ ବର୍ଷ ବୟସର ହେବା ପର୍ଯ୍ୟନ୍ତ ସେ ଜାଣି ନ ଥିଲେ ଟେଡି ବିୟର କ'ଣ ? ୮ ବର୍ଷ ବୟସ ପରେ ସେ ପ୍ରଥମ ଥର ମିନେସୋଟା ଷ୍ଟେଟ ଫେୟାରରେ ଟେଡି ବିୟର ଦେଖିଥିଲେ। ଏବେ ତାଙ୍କ ପାଖରେ ଥିବା ଟେଡି ବିୟୟରର ସଂଗ୍ରହକୁ ସେ ସାଉଥ ଡକୋଟାର ହିଲ୍ ସିଟିରେ 'ଟେଡି ବିୟର୍ ସିଟି' ନାମରେ ପର୍ଯ୍ୟଟକଙ୍କ ପାଇଁ ସାଇତି ରଖିଛନ୍ତି, ଯାହାକୁ ଦେଖି ପର୍ଯ୍ୟଟକ ବେଶ୍ ଖୁସି ହୁଅନ୍ତି।